

ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ

## ସଂକ୍ଷେପରେ

### ବୋଲେରୋ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ତଳଗାଁ,୨୯।୫(ଡି.ଏନ.ଏ) ବୌଦ୍ଧ ଓ ନୟାଗଡ ଜିଲା ସୀମାନ୍ତ ବାଣିଗୋଛା କେନ୍ଦୁପତ୍ର ଫଡି ନିକଟରେ ଜଣେ ବୋଲେରେ ଗାଡି ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଜଗନ୍ନାଥ ପ୍ରଧାନ ଓ ତାଙ୍କ ଘର ବୌଦ୍ଧ ଜିଲା କୁଶଙ୍ଗ ପଞ୍ଚାୟତର କୁମାରୀ ଗ୍ରାମରେ।

ସୂଚନା ମୁତାବକ, ମଙ୍ଗଳବାର ଜଗନ୍ନାଥ ହରଭଙ୍ଗା ବ୍ଲକ କୁଶଙ୍ଗଠାରୁ କନ୍ଧମାଳ ଜିଲା ଚକାପାଦ ଅଞ୍ଚଳକୁ ବରଯାତ୍ରୀ ନେଇ ଯାଉଥିଲେ । ରାତି ୨ଟାରେ ବାଣିଗୋଛା କେନ୍ଦୁପତ୍ର ଫଡି ନିକଟରେ ଗାଡିଟି ରହିଥିଲା । ବୁଧବାର ଅପରାହ୍ନ ୧ଟା ବେଳେ ଗାଡି ଭିତରେ ମୋବାଇଲ ବାଜିବା ପରେ ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବାଣିଗୋଛା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିଚାଳକ ଜଗନ୍ନାଥ ଗାଡି ଭିତରେ ମରିଯାଇଥିବା ଦେଖିବାକୁ ପାଇଥିଲା । ପରେ ମୋବାଇଲ ଫୋନରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ । ବାଣିଗୋଛା ପୋଲିସ ଶବ ଜବତ କରିବା ସହ ପୋଷ୍ଟମର୍ଟମ ପାଇଁ ଦଶପଲ୍ଲା ମେଡିକାଲକୁ ପଠାଇଥିଲା । ଅନ୍ୟପକ୍ଷେ ଜଗନ୍ନାଥଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୋଷ୍ଟ ମର୍ଟମ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ପକ୍ଷରୁ କୁହାଯାଇଛି ।

### ବିଦ୍ୟୁତ୍ ଉପଭୋକ୍ତା ତାତିରେ ହନ୍ତସନ୍ତ

ଅତାବିରା, ୨୯।୫ (ଡି.ଏନ.ଏ) ଅତାବିରା ବ୍ଲକ ଲରମ୍ବା ବିଦ୍ୟୁତ ସେକ୍ସନ ଅଧୀନ ଅଏଁଲାପାଲି ଗ୍ରାମର ଉପଭୋକ୍ତାମାନେ ବିଦ୍ୟୁତର ଲୁଚକାଳି ଖେଳ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମରେ ଟ୍ରାନ୍ସଫର୍ମର ବସିବା ଦିନଠାରୁ ବିଦ୍ୟୁତ୍ ସମସ୍ୟା ଲାଗି ରହିଛି । ସାମାନ୍ୟ ପବନ ବହିଲେ ଫ୍ୟୁଜ ଉଡି ଯାଇଥାଏ । ଏ ନେଇ ସ୍ଥାନୀୟ ବିଦ୍ୟୁତ କର୍ମଚାରୀଙ୍କଠାରେ ଅଭିଯୋଗ କରାଯାଉଥିଲେ ମଧ ସମସ୍ୟା ସମାଧାନ ନ ହେବାରୁ ବୁଧବାର ଅଏଁଲାପାଲି ଗ୍ରାମର ୧୫ଜଣ ଯୁବକ ଲରମ୍ବା ସେକ୍ସନକୁ ଯାଇଥିଲେ । ସେକ୍ସନରେ ତାଲା ଝୁଲୁଥିବାରୁ ସେମାନେ ଅଭିଯୋଗ କରି ନ ପାରି ପୁଣି ତାତିରେ ଘରକୁ ଫେରିଥିଲେ । ଫ୍ୟୁଜ କଟିଲେ ପରିବାର ପିଛା ୩୦ରୁ ୫୦ ଟଙ୍କା ଅସୁଲ କରି ବିଦ୍ୟୁତ୍ କର୍ମଚାରୀଙ୍କୁ ହାତଗୁଞ୍ଜା ଦେବା ପରେ ଫ୍ୟୁଜ ବନ୍ଧା ଯାଇଥାଏ ବୋଲି ଯୁବକମାନେ ଅଭିଯୋଗ କରିଥିଲେ। ସପ୍ତାହକୁ ୨ରୁ ୩ଥର ଫ୍ୟୁଜ ଯାଇଥାଏ । ଏପରି ପରିବାର ପିଛା ଅସୁଲି କରି କର୍ମଚାରୀଙ୍କୁ ଦେଇଥାଉଁ ବୋଲି ରାଜେନ୍ଦ୍ର ମହାକୁର, ରାଜେଶ ଭୋଇ, ବିକାଶ ବାଗ, ପ୍ରଶାନ୍ତ ଭୋଇ, ସୁଶାନ୍ତ ଭୋଇ କହିଥିଲେ । ଏ ସମ୍ପର୍କରେ ଲରମ୍ବା ସେକ୍ସନାଲ ଅଫିସର ରାକେଶ ସାହୁଙ୍କୁ ପଚରାଯିବାରୁ ଏପରି ଅଭିଯୋଗ ମୋ ପାଖକୁ ଆସିନାହିଁ । ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ସହରରେ ଆମ୍ବ ବଜାର, ଗରାଖଙ୍କ ଭିଡ଼

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୯।୫**

ଖରାଦିନେ ପାଚିଲା ଆମ୍ବ ଖାଇବାର ଯେଉଁଳି ମଜା ରହିଛି, ତାର ସ୍ୱାଦ ବି ନିଆରା। ଗାଁଠାରୁ ସହରରେ ଆମ୍ବର ଚାହିଦା ବେଶୀ। ବଜାର ଅଭାବରୁ ଚାଷୀ ମଧ୍ୟ ତାକୁ ସଠିକ୍ ଦରରେ ବିକ୍ରି କରି ପାରି ନ ଥାଏ। ଗାଁ ଗହଳିରେ ଗଛରୁ ଆମ୍ବ ଝଡ଼ି ନଷ୍ଟ ହୋଇଥାଏ। ଅନ୍ୟପଟେ ଖରାଦିନେ ସହରବାସୀଙ୍କୁ ଆମ୍ବ ଖୋଜିବାକୁ ପଡ଼େ । ଏପରିକି ବେଳେବେଳେ ସହରରେ ଆମ୍ବ ଉପଲବ୍ଧ ହୋଇ ନ ଥାଏ । ଏହାକୁ ଦୃଷ୍ଟିରେ ରଖି ବରଗଡ଼ ଜିଲା ପ୍ରଶାସନ ସହାୟତାରେ ବୁଧବାର ଓରମାସ, ଉଦ୍ୟାନ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ପକ୍ଷରୁ ବରଗଡ଼ ସହରରେ ଖୋଲା ଯାଇଛି ଆମ୍ବ ବଜାର । ସହରର ବ୍ଲକ ଅଫିସ ସମ୍ମୁଖ ମୁଖ୍ୟରାସ୍ତା କଡରେ ଖୋଲିଥିବା ଏହି ଆମ୍ବ ବଜାରକୁ ଉଦଘାଟନ କରିଥିଲେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ। ଅତିରିକ୍ତ ଜିଲାପାଳ ତପିରାମ ମାଝି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଓରମାସର ରାଜଗୋପାଳ ଦାଶ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୌଲତ ଚନ୍ଦ୍ରକାର ପ୍ରମୁଖ ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଆମ୍ବ ବଜାରରେ ଆଖପାଖ ଅଞ୍ଚଳର ଚାଷୀଙ୍କ ଆମ୍ରପାଲୀ, ଦଶେରୀ, ମଲ୍ଲିକା, ଲେଙ୍ଗଡ଼ା, ହେମସାଗର, ବାଇଗଣପଲ୍ଲୀ, ଗୁଲାବ ଖାସ୍, ସୁନ୍ଦରୀ, ତୋତାପୁରୀ ଆଦି କିସମର ଆମ୍ବ ରହିଛି । ଜୁନ ୧୫ତାରିଖ ପର୍ଯ୍ୟନ୍ତ ଏହି ଆମ୍ବ ବଜାର ଚାଲିବ।



ଆମ୍ବ ବଜାରରେ ଲୋକମାନେ ଆମ୍ବ ଦେଖୁଛନ୍ତି ।

### ସେମାନେ ଯାହା କୁହନ୍ତି...


"ବାଦପାଲି ଗ୍ରାମରୁ ଆସିଛି । ଆଜି ପ୍ରାୟ ୫୦କିଗ୍ରା ଆମ୍ବ ଏଠାକୁ ଆଣିଛି । ବିକ୍ରି ପାଇଁ ଭଲ ବ୍ୟବସ୍ଥା ହୋଇଛି ଏବଂ ଏଠାରେ ଆମ୍ବ ଭଲ ବିକ୍ରି ହେବ ବୋଲି ମଧ୍ୟ ଆଶା ରହିଛି । -**ସରୋଜ ଖମାରୀ, ଚାଷୀ**


"ବନବାସପାଲିରେ ମୋର ଘର । ୨୦ରୁ ଊର୍ଦ୍ଧ୍ୱ ଆମ୍ବ ଗଛ ଅଛି । ଭଲ ଆମ୍ବ ବି ଫଳିଛି । ଗାଁରେ ତ ବିକ୍ରି ହେଉନାହିଁ । ଏଠାରେ ବିକ୍ରି ହେବ ଏହି ଆଶା ରହିଛି। -**ମୁରଲିଧର ସାହୁ**, ଚାଷୀ


"ଯାହାହେଉ ପ୍ରଥମଥର ପାଇଁ ବରଗଡ଼ ସହରରେ ଆମ୍ବ ବଜାର ହେଲା । ଗାଁ ଗହଳିରେ ଆମ୍ବର ଚାହିଦା ନାହିଁ । ଗଛରୁ ଝଡ଼ି ନଷ୍ଟ ହେଉଛି । ବିକ୍ରି ପାଇଁ ଭାର ସହିତ ଏଠାକୁ ଆସିଛି । -**ପାରାୟଣ ଖମାରୀ**, ଚାଷୀ


"ସହରରେ ଆମ୍ବ ବଜାର ନ ଥିଲା । ଏଥର ପ୍ରଥମ ଥର ପାଇଁ ଖୋଲାଯାଇଛି । ନିଶ୍ଚିତ ଭାବେ ଏହା ଭଲ କଥା । ବିଭିନ୍ନ କିସମର ଆମ୍ବ ଏଠାରେ ମିଳୁଛି । ଖାଇଲେ ସ୍ୱାଦ ଜଣାପଡ଼ିବ । -**ଅଚ୍ୟୁତ ମହାପାତ୍ର**, ଗରାଖ


"ଗ୍ରାମାଞ୍ଚଳର ଚାଷୀମାନେ ଆମ୍ବର ଉଚିତ ପ୍ରାପ୍ୟ ପାଇ ପାରୁ ନ ଥିଲେ । ସହରାଞ୍ଚଳର ଲୋକେ ଯେଉଁଳି ଭଲ ଗୁଣଯୁକ୍ତ ତଥା ବିନା କାରବାଇଡ୍ର ଆମ୍ବ ପାଇ ପାରିବେ, ତାକୁ ଦୃଷ୍ଟିରେ ରଖି ଆମ୍ବ ବଜାର ଖୋଲା ଯାଇଛି । -**ରାଜଗୋପାଳ ଦାଶ**, ମୁଖ୍ୟ ନିର୍ବାହୀ, ଓରମାସ୍

## ଆଗକୁ ଶୀତଳଷଷ୍ଠୀ
# ରାସ୍ତାରେ ପଡ଼ିଛି ଘର ନିର୍ମାଣ ସାମଗ୍ରୀ

**ବରପାଲି, ୨୯।୫ (ଡି.ଏନ.ଏ)**

ବରପାଲି ସହର ରାସ୍ତା ଉପରେ ସ୍ଥାନେ ସ୍ଥାନେ ଅନେକ ଘର ନିର୍ମାଣ ସାମଗ୍ରୀ ବାଲି, ଗେଟି, ଇଟା ଆଦି ପଡି ରହିଛି । ଫଳରେ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଛୋଟ ପିଲାମାନେ ସାଇକେଲରୁ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଆଗକୁ ଶୀତଳଷଷ୍ଠୀ ଯାତ୍ରା ଆସୁଛି। ସହରର ରାସ୍ତାଘାଟ ଖାଲଖମା ହୋଇପଡିଛି। ରାସ୍ତା ଉପରେ ଆବର୍ଜନା ଗଦା ହୋଇବାରୁ ସହରବାସୀଙ୍କ ଚଳପ୍ରଚଳରେ ବାଧା ଉପୁଜୁଛି । କୁଲିପଡା ଛକ ରାସ୍ତା ଓ ଗୁଡିଆପଡା ରାସ୍ତା ଉପରେ ଗୋବର ଖତ ଜମା କରିବା ନୀତିଦିନିଆ ଘଟଣା ହୋଇଛି । ଏ ନେଇ ଅଭିଯୋଗ ହେଉଥିଲେ ମଧ କିଛି ସୁଫଳ ମିଳୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜିଆର୍‌ପି ଥାନା ପାଇଁ ସ୍ମାରକପତ୍ର

**ବରଗଡ଼ ଅଫିସ୍,୨୯।୫**

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ବରଗଡ଼ ଏସପି ମୁକେଶ କୁମାର ଭାମୁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ଜିଆରପି ଥାନା ସ୍ଥାପନର ଆବଶ୍ୟକତା ନେଇ ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ବରଗଡ଼ ରୋଡ ଷ୍ଟେଶନ ଦେଇ ଅଧିକାଂଶ ଦ୍ରୁତଗାମୀ ଟ୍ରେନ ଯାଇଥାଏ । ଫଳରେ ମହିଳା ଓ ପରିବାର ସହିତ ତଥା ମୂଲ୍ୟବାନ ସାମଗ୍ରୀ ନେଇ ଯାତ୍ରା କରୁଥିବା ଯାତ୍ରୀମାନେ ଭୟ ଓ ଆଶଙ୍କା ମଧ୍ୟରେ ରହିଥାନ୍ତି। ପୁନଶ୍ଚ କୌଣସି ଚୋରି ଓ ଅନ୍ୟ ସମସ୍ୟା ପାଇଁ ସମ୍ବଲପୁର କିମ୍ବା ବଲାଙ୍ଗୀର ଜିଆରପିରେ ଅଭିଯୋଗ କରିବାକୁ କୁହାଯାଇଥାଏ। ବରଗଡ଼ ରୋଡ଼ ଷ୍ଟେଶନ ଜିଲା ସଦର ମହକୁମାରେ ରହିବା ସହିତ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବାରୁ ଏଠାରେ ଜିଆରପି ଥାନା ଖୋଲିବା ଦିଗରେ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ସଂଘ ସଭାପତି ପ୍ରଦୀପ ଦେବତା, ଉପସଭାପତି ପ୍ରୀତମ ସିଂ, ସମ୍ପାଦକ କମଳ ଯୋଷୀ, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।


ରେଳ ଉପଭୋକ୍ତା ସଂଘର ପ୍ରତିନିଧିମାନେ ବରଗଡ଼ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ମିନଗୁର ଧାନମଣ୍ଡି ଉଦ୍‌ଘାଟିତ

**ମଣ୍ଡଳ,୨୯।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ମଣ୍ଡଳ କୃଷି ସେବା ସମବାୟ ସମିତି ସମ୍ପାଦକ ନବୀନ କୁମାର ନାଗଙ୍କ ଦ୍ୱାରା ବୁଧବାର ମିନଗୁର ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ମଣ୍ଡିରେ ୧୧ଜଣ ଚାଷୀଙ୍କୁ ୧୦୩୨ କୁଇଣ୍ଟାଲ ଧାନର ଟୋକନ ପ୍ରଦାନ କରାଯାଇଥିଲା । ତହିଁ ମଧ୍ୟରୁ ୩ଟି ମିଲ ବିକେ ଫୁଡ, ନିଗାନିଆଁ ଏବଂ ବିଜୟଲକ୍ଷ୍ମୀ ଚାଷୀ ଚାଷୀଙ୍କଠାରୁ ପ୍ରାୟ ୫୫୦ରୁ ୬୦୦ କୁଇଣ୍ଟାଲ ଧାନ କ୍ରୟ କରିଥିବା ଜଣାପଡିଛି । ଉଦଘାଟନୀ ଅବସରରେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଗଙ୍ଗାରାମ ରାଉତ ଏବଂ ସୁଶାନ୍ତ ବିହାରୀ ଏବଂ ମଣ୍ଡଳ ପ୍ୟାକ୍ସର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ମିନଗୁର ମଣ୍ଡିରେ ୧୧ଟି ମିଲର ଏଜେଣ୍ଟ ଏବଂ ଚାଷୀମାନେ ଉପସ୍ଥତ ଥିବାବେଳେ ପ୍ରଥମ ଦିନରେ ସୁରୁଖୁରୁରେ ମିନଗୁରୁ ମଣ୍ଡି ଶୁଭାରମ୍ଭ ହୋଇଯାଇଛି ।

# ପୋଷ୍ଟାଲ ଭୋଟରେ ଭାଜପା ଆଗୁଆ

**ଭବାନୀପାଟଣା,୨୯।୫ (ଡି.ଏନ.ଏ.)**

କଳାହାଣ୍ଡି ଲୋକ ସଭା ନିର୍ବାଚନରେ ପୋଷ୍ଟାଲରେ ୫୩୮୬ରୁ ୩୩୬୪ ଖଣ୍ଡ ଭୋଟ ଭାଜପାକୁ ମିଳିଛି। ଭାଜପା ୩୫.୨୬% ଭୋଟ ପାଇଥିବା ବେଳେ ବିଜେଡି ୩୩.୦୮% ଓ କଂଗ୍ରେସ ୨୫.୯୯% ଭୋଟ ପାଇଛି । ଅନ୍ୟପକ୍ଷରେ ଲୋକ ସଭାରେ କେବଳ ନୋଟାରେ ୨୧୯୯ ଖଣ୍ଡ ଭୋଟ ପଡିଛି । ଧର୍ମଗଡ ନିର୍ବାଚନମଣ୍ଡଳୀରେ ବିଜେଡି ୬୭୮୮୪, ଭାଜପା ୭୦୯୯୪ ଓ କଂଗ୍ରେସ ୪୫୩୭୧ ଖଣ୍ଡ ଭୋଟ ପାଇଛି । ନୂଆପଡା ଜିଲା ଖରିଆର ନିର୍ବାଚନମଣ୍ଡଳୀରେ ବିଜେଡି ୪୩୩୩୪, ଭାଜପା ୭୫୮୦୪ ଓ କଂଗ୍ରେସ ୪୨୩୯୬ ଖଣ୍ଡ ଭୋଟ ପାଇଛି । ନୂଆପଡା ନିର୍ବାଚନମଣ୍ଡଳୀରେ ବିଜେଡି ୫୮୧୦୫, ଭାଜପା ୮୪୨୭୫ ଓ କଂଗ୍ରେସ ୪୩୭୪୬ ଖଣ୍ଡ ଭୋଟ ପାଇଛି । ବିଜେଡି କେବଳ ଲାଞ୍ଜିଗଡ ଓ ଜୁନାଗଡରେ ଆଗୁଆ ଥିବା ବେଳେ ଅନ୍ୟ ୫ଟି ନିର୍ବାଚନମଣ୍ଡଳୀରେ ଭାଜପା ଅଧିକ ଭୋଟ ପାଇଛି । ବିଜେଡି ଲୋକ ସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ନିଜ ନିର୍ବାଚନମଣ୍ଡଳୀ ଧର୍ମଗଡ ହୋଇଥିବା ବେଳେ ସେଠାରେ ଭାଜପା ପ୍ରାର୍ଥୀ ତାଙ୍କଠାରୁ ୩୧୧୦ ଖଣ୍ଡ ଭୋଟ ପାଇଛି । ଜୁନାଗଡ ନିର୍ବାଚନମଣ୍ଡଳୀରେ ବିଜେଡିକୁ ମାତ୍ର ୯୭ଟି ଅଧିକ ଭୋଟ ମିଳିଛି । କେବଳ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀରେ ବିଜେଡି ୨୭୫୮୨ ଖଣ୍ଡ ଭୋଟ ପାଇଛି । ମୋଦି ଲହର ଯୋଗୁ ଲୋକଙ୍କ ପାଖରେ ନ ପହଞ୍ଚି ମଧ୍ୟ ବସନ୍ତ ଜିତିବା ନେଇ ସାଧାରଣରେ ଆଲୋଡନ ସୃଷ୍ଟି କରିଛି ।

# ଆରମ୍ଭ ହେଲା ଦୋଷୀକଟାର ପୁନରୁଧାର କାମ

**ବିଜେପୁର, ୨୯।୫ (ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଲାଉମୁଣ୍ଡା ପଁଚେତ୍ ସଦରରେ ଥିବାର ଦୋଷୀ କଟାର ପୁନରୁଧାର କାମ୍ ଆରମ୍ ହେଇଛେ। ଇଥିରେ ଥାନୀୟ ସରପଁଚ୍ ସୁବର୍ଣ୍ଣ ମେହେର ନଡ଼ିଆ ଭାଂଗଲା ଉତାରୁ କାମ୍ ଆରମ୍ କରାଯାଇଥିଲା। କାମ୍ ଜାଗାରେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପାଣ୍ଡବ ନନ୍ଦ, କିଶୋର ମେହେରକଁର ସମେତ ଗ୍ରାମ ରୋଜଗାର ସେବକ ଆର ସାମାଜିକ କରମୀମାନେ ଠୋଲ୍ ହେଇଥିଲେ। ଇ କଟାର ପୁନରୁଧାର ଲାଗି ୧୦ ଲାଖ୍ ଟଁକାର ଖରଚ୍ ଅଟକଲ କରାଯାଇଥିଲା। ପହେଲା ଖେପି ରାଜ୍ୟ ଚତୁର୍ଥ ଅର୍ଥ କମିଶନ ତରଫୁ ୪ ଲାଖ୍ ଟଁକା ମଂଜୁର ହେଇଛେ। ସୂଚନା ହିସାବେ ବହୁତ୍ ଦିନ୍ ହେଲା ଲାଉମୁଣ୍ଡା ଦୋଷୀ କଟାର ପୁନରୁଧାର କାମ୍ ନାଇଁ ହେଉଥାଇ। ଯେନ୍‌ଥିରଲାଗି କଟାର ପାଏନ୍ ବି ବେଭାର କଲା ଅବସ୍ତାରେ ନାଇଁଥାଇ। ଇ ବାବ୍‌ଦେ ଚଲତି ମାସ ୨୦ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ପ୍ରଦୂଷିତ ହେଉଛି ଦୋଷୀ କଟା, ନାଳିଫିତା ତଳେ ପୁନଃରୁଦ୍ଧାର କାମ' ଶୀରଷକ୍‌ରେ ଖବର ବାହାରିଥିଲା। ଯେନ୍‌ଥିରଲାଗି ଥାନୀୟ ପରଶାସନ ଇତାକେ ଗୁରୁତ୍ ଦେଇ ନିରବାଚନ ଆଚରନବିଧି ଉଠ୍‌ଲା ଉତାରୁ କଟାର ପୁନରୁଧାର କାମ୍ ଆରମ୍ କରିଛେ।



ଲାଉମୁଣ୍ଡାରେ ଦୋଷୀ କଟାର ପୁନରୁଧାର କାମ ଚାଲିଛେ ।

# ଭିଡିଓ ଭାଇରାଲ ଘଟଣାରେ ୭ ଗିରଫ

**ବରଗଡ଼ ଅଫିସ୍,୨୯।୫**

ବରଗଡ଼ ସହରରେ ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତଳିପଡ଼ାର ନିର୍ମଳ ଅଗ୍ରୱାଲ(୨୩), ନାଏକପଡ଼ାର ଅଭିଷେକ ଅଗ୍ରୱାଲ(୨୯), ହସପିଟାଲ ରୋଡ଼ର ହର୍ଷ କଂସଲ(୨୫), ଖଜୁରଟିକ୍ରାର ବିକି ଓରଫ ବିକାଶ ଅଗ୍ରୱାଲ(୪୦), ଆଶା କିରଣ ନିକଟ ମାତୃବିହାରର ରାକେଶ ସାୱାଡ଼ିଆ(୩୧), ନଦୀପଡ଼ାର ସୁନିଲ ଅଗ୍ରୱାଲ(୩୩) ଏବଂ ଭଟଲି ରୋଡ୍ ଲାଠ ଭବନ ନିକଟ ବାସିନ୍ଦା କାଳିଆ ଓରଫ ବିକାଶ ଅଗ୍ରୱାଲ(୩୩) । ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି ବୋଲି ଟାଉନ ଥାନା ଆଇଆଇସି ମାନସ ପ୍ରଧାନ କହିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଦଫା ୬୬(ଇ), ୬୭ ଆଇଟି ଆକ୍ଟ ୨୯୨, ୫୦୯ ଆଇପିସିରେ ଏକ ମାମଲା (ନଂ.୨୫୭/୧୯) ରୁଜୁ ହୋଇଛି ।


ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟଚାଲାଣ କରୁଛି ।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ ଘଟଣା
# ପରିବାରବର୍ଗଙ୍କୁ ଭେଟିଲେ ଉପଜିଲାପାଳ

**ବିଜେପୁର,୨୯।୫ (ଡି.ଏନ.ଏ)**

ବିଜେପୁର ବ୍ଲକ କଟାପାଲି ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାର ବୁଧବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୁଆନ ଉକ୍ତ ଗ୍ରାମକୁ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ପରେ ସେ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ସହି ଏହି ବିଷୟରେ ଆଲୋଚନା କରିଥିଲେ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରଙ୍କ ନିର୍ଦ୍ଧାରିତ ସହାୟତା ପ୍ରଦାନ କରାଯିବ ବୋଲି ପରିବାରବର୍ଗଙ୍କୁ ଉପଜିଲାପାଳ ଦରୁଆନ ଆଶ୍ୱାସନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍ଇଏସଓ ଶମ୍ଭୁ ପ୍ରସାଦ ହରିପାଲ, ଅତିରିକ୍ତ ତହସିଲଦାର ନାରାୟଣ ସାହୁଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ମଙ୍ଗଳବାର ଉକ୍ତ ଗ୍ରାମର ମହିଳା ସବ୍ୟା ସାହୁ ବିଲରେ କଟା ହୋଇଥିବା ଧାନକୁ ମୁଣ୍ଡାଇ ଖଳାକୁ ଆଣୁଥିଲେ । ଏହି ସମୟରେ କାଳବୈଶାଖି ଯୋଗୁ ବଜ୍ରପାତ ହୋଇଥିଲା । ଫଳରେ ସେ ଘଟଣାସ୍ଥଳରେ ଟଳି ପଡିଥିଲେ । ପରିବାରବର୍ଗ ତାଙ୍କୁ ଉଦ୍ଧାର କରି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ ।


ଉପଜିଲାପାଳ ବଜ୍ରପାତରେ ମୃତକଙ୍କ ପରିବାର ବର୍ଗ ସହିତ ଆଲୋଚନା କରୁଛନ୍ତି ।

## ବୌଦ୍ଧ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଲାନି
# ନେତା, କର୍ମୀଙ୍କ ମଧରେ ନୈରାଶ୍ୟ

**ବୌଦ୍ଧ,୨୯।୫(ସ୍ୱ.ପ୍ର)**

ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତଙ୍କୁ ଏଥର ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ନ ମିଳିବାରୁ ବୌଦ୍ଧରେ ତାଙ୍କ ସମର୍ଥକ ଓ କର୍ମୀମାନଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହୋଇଛି । ବିଧାୟକ ଅମାତ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲଙ୍କୁ ପରାଜିତ କରି ସ୍ୱାଧୀନ ବିଧାୟକ ଭାବେ ଜିତି ନିଜର ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ । ପରେ ସେ ବିଜେଡିରେ ସାମିଲ ହୋଇ ଲଗାତାର ୫ମ ଥର ଏହି ଆସନରୁ ବିଜୟୀ ହୋଇ ବୌଦ୍ଧର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ଉଭା ହୋଇଛନ୍ତି । ଦୁଇଥର ବାଚସ୍ପତି ଭଳି ସାମ୍ବିଧାନିକ ପଦବୀରେ ଥାଇ ନିର୍ବାଚନ ଲଢି ବିଜୟୀ ହେବା ମଧ୍ୟ ତାଙ୍କ ପାଇଁ ଏକ ନୂଆ ରେକର୍ଡ । ଚଳିତ ନିର୍ବାଚନରେ ବୌଦ୍ଧ ବିଜେଡିରୁ ଜଣେ ପରେ ଜଣେ ନେତା ଦଳ ଛାଡିଥିବାବେଳେ ଏଥର ନିର୍ବାଚନ ତାଙ୍କ ପାଇଁ ଅଗ୍ନି ପରୀକ୍ଷା ଥିଲା । କିନ୍ତୁ ସେସବୁକୁ ଖାତିର ନ କରି ଅମାତ ୧୦ ହଜାରରୁ ଅଧିକ ଭୋଟରେ ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରି ଏହି ଆସନରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ । ଅମାତଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବା ନେଇ ତାଙ୍କ ସମର୍ଥକ ଓ କର୍ମୀମାନେ ଆଶାବାଦୀ ଥିଲେ । କିନ୍ତୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ଇନିଂସରେ ତାଙ୍କୁ କିଛି ସ୍ଥାନ ନ ମିଳିବାରୁ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ନିରାଶ ହେବାକୁ ପଡିଛି । ସୁବର୍ଣ୍ଣପୁର ଜିଲାରୁ ଦୁଇ ଜଣଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦବୀ ମିଳିଥିବାବେଳେ ବୌଦ୍ଧରୁ କାହାକୁ ମନ୍ତ୍ରୀ କରା ନ ଯିବା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ରାଜନୀତିରେ ଅମାତଙ୍କ ଏହା ଶେଷ ପାଳି କୁହାଯାଉଥିବା ବେଳେ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ତାଙ୍କୁ ସ୍ଥାନ ନ ମିଳିବା ରାଜ୍ୟ ରାଜନୀତିରେ ବୌଦ୍ଧର ପ୍ରଭାବ ହ୍ରାସ କରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

### ଲଣ୍ଡା ହେଲେ ଯୁବକ

**ବୌଦ୍ଧ,୨୯।୫(ସ୍ୱ.ପ୍ର)**

ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିନି । ତେବେ ପଡୋଶୀ ସୁବର୍ଣ୍ଣପୁର ଜିଲାରୁ ଦୁଇଜଣ ବିଧାୟକଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦବୀ ପ୍ରଦାନ କରାଯାଇଥିବାରୁ ଏହାକୁ ବିରୋଧ କରି ବୌଦ୍ଧର ଜଣେ ଯୁବକ ଲଣ୍ଡା ହୋଇଛନ୍ତି । ଜିତେନ୍ଦ୍ର ବେହେରା ନାମରେ ଏହି ଯୁବକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମନ୍ତ୍ରୀ ମଣ୍ଡଳରେ ବୌଦ୍ଧର ବିଧାୟକଙ୍କୁ ସ୍ଥାନ ଦିଆଯାଇନାହିଁ । ଫଳରେ ସେ ଏହାର ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ଲଣ୍ଡା ହୋଇଥିବା କହିଛନ୍ତି ।


ଜଣେ ଯୁବକ ଲଣ୍ଡା ହେଉଛନ୍ତି ।



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। -ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ରାସ୍ତାକଡ଼ ଗଛ ଲୋକଙ୍କ ପାଇଁ ବିପଦ ସାଜିଛି

କୋଲାବିରା,୨୯।୫(ଡି.ଏନ.ଏ.) କୋଲାବିରା ବସ୍ତି ଜମିଦାରପଡାସ୍ଥିତ ବୁଢାରଜା ମନ୍ଦିରକୁ ଲାଗି ଏକ ବିରାଟକାୟ ଫାଁଶି ଗଛ ରହିଛି। କେହି ବ୍ୟକ୍ତି ଏହି ଗଛ ନିକଟରେ ନିଆଁ ଲଗାଇଦେବା ଫଳରେ କୋରଡରେ ନିଆଁ ଲାଗି ଯାଇଛି। ଫଳରେ ବିରାଟକାୟ ଏହି ଗଛଟି ମୂଳରୁ ଦୁର୍ବଳ ହୋଇପଡିଛି। ପବନ ବହିଲେ କିମ୍ବା କୌଣସି ମୂହୁର୍ତ୍ତରେ ଗଛଟି ଟଳି ପଡିବାର ଆଶଙ୍କା ରହିଛି। ସନ୍ଧ୍ୟାରେ ସାମାନ୍ୟ ଝଡବର୍ଷା ହେଲେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡୁଛନ୍ତି। ତୁରନ୍ତ ଗଛଟିକୁ କାଟିବାକୁ ପଡାବାସି ପଞ୍ଚାୟତ ଅଫିସରେ ଜଣାଇଛନ୍ତି।

### ବିଧବାଙ୍କ ଆତ୍ମହତ୍ୟା

କୋଲାବିରା,୨୯।୫ (ଡି.ଏନ.ଏ.) କୋଲାବିରା ଥାନା ଅନ୍ତର୍ଗତ ସମାସିଂହା କାଲେପଡାରେ ବସବାସ କରୁଥିବା ଶାନ୍ତିଲତା ଧୁରୁଆ(୪୭) ନାମ୍ନୀ ଜଣେ ବିଧବା ମହିଳା ବେକରେ ଓଢଣୀ ଦେଇ ଗାଧୁଆ ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଥିଲା। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ବିଜୟ ନେଇ ଉଲ୍ଲସିତ ଭାଜପା

ରାଉରକେଲା ଅଫିସ,୨୯।୫ ଭାଜପାର ବିଜୟ ନେଇ ରାଷ୍ଟ୍ରୀୟ ଜାଗରଣ ମଞ୍ଚ ରାଉରକେଲା ଶାଖା ପକ୍ଷରୁ ଲାଲ ବିଲ୍ଡିଂ ଶିବାଜୀ ମାର୍ଗଠାରେ ଜନସାଧାରଣଙ୍କ ପାଇଁ ଅନ୍ନ ବ୍ୟଞ୍ଜନ ସହ ଖିରି ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ସଂଗଠନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଓ ମୋଦି ସମର୍ଥକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଓଡ଼ିଶା ସମେତ ସମଗ୍ର ଦେଶରେ ଭାଜପା ତଥା ମୋଦି ଲହରକୁ ସାଧାରଣ ଜନତା ଅନୁଭବ କରିଥିବାରୁ ଏଥିରେ ଖୁସି ବ୍ୟକ୍ତକରାଯାଇ ଥିଲା। ନବନିର୍ବାଚିତ ପ୍ରତିନିଧି ଭାରତର ସ୍ୱାଭିମାନ ରକ୍ଷା ଦିଗରେ ନିଶ୍ଚିତ ନିଷ୍ଠା ପ୍ରଦର୍ଶନ କରିବେ ବୋଲି ଆଶା ବ୍ୟକ୍ତ କାରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ସମର୍ଥକ ତଥା କର୍ମକର୍ତ୍ତା ଚନ୍ଦ୍ରଶେଖର ପ୍ରସାଦ, ମନୀଷ ଅଗ୍ରୱାଲ, ପ୍ରଦୀପ ମାହାତୋ, ସୁନୀଲ ଗୁପ୍ତା, ସନ୍ତୋଷ ସେଠୀ, ବିନୟ ଗୁପ୍ତା, ଓମ୍ପ୍ରକାଶ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋମାଂସ ଚାଲାଣ ନେଇ ଅସନ୍ତୋଷ

ରାଉରକେଲା ଅଫିସ,୨୯।୫ ଗୋମାଂସ ଚାଲାଣ ନେଇ ଜଲଦା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଲାଠିକଟା ବ୍ଲକ ଅଞ୍ଚଳର କେତେକ ବସ୍ତିରେ ନିୟମିତ ଗୋମାଂସ ଚାଲାଣ ଅଭିଯୋଗ ହୋଇଆସୁଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଏହା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ବୁଧବାର ସକାଳ ୬ଟାରୁ ଏକ ନମ୍ବରବିହୀନ ସ୍କୁଟି ଯୋଗେ ଜଣେ ନାବାଳକ ଗୋମାଂସ ନେଇ ରାଉରକୋଲା ଦିଗରେ ଆସୁଥିବାବେଳେ ଏହା ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା। ଗାଡ଼ି ରୋକିବାକୁ ଲୋକେ ଚେଷ୍ଟା କରିବାରୁ ସମ୍ପୃକ୍ତ ନାବାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ି ଜବତ କରି ଘଟଣାର ତଦନ୍ତ କରୁଛି।



ଭାଙ୍ଗିରୁଜି ଯାଇଥିବା ଆଜ୍‌ବେଷ୍ଟ ଘର



ଗ୍ରାମ ନିକଟରେ ବୃହତ ଆମ୍ବଗଛ ଉପୁଡି ପଡିଛି।

# କାଳବୈଶାଖୀରେ ବୋତଲଗା ଗାଁ ଧ୍ୱସ୍ତବିଧ୍ୱସ୍ତ

ଲଖନପୁର,୨୯।୫(ଡି.ଏନ୍.ଏ.)

ଝାରସୁଗୁଡା ଜିଲାରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଲଖନପୁର ବ୍ଲକ୍ ଅଞ୍ଚଳରେ ଏହାର ପ୍ରଭାବ ସର୍ବାଧିକ ରହିଛି। ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଏଭଳି ସ୍ଥିତିରେ ମଙ୍ଗଳବାର ସନ୍ଧ୍ୟାରେ ଜିଲାରେ କାଳବୈଶାଖୀ ଦେଖା ଦେଇଥିଲା। ଏହାର ପ୍ରଭାବରେ ଜିଲାର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବା ସହ ପ୍ରବଳ ଝଡତୋଫାନ ହୋଇଥିଲା। ଏହାର ପ୍ରଭାବ ବିଶେଷଭାବେ ଲଖନପୁର ବ୍ଲକ୍ ଅଞ୍ଚଳରେ ପଡିଥିଲା। ଏଥିରେ ପିପିଲିକାନୀ ପଞ୍ଚାୟତର ବୋତଲଗା ଗ୍ରାମ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ବୁଧବାର ରାଜସ୍ୱ ବିଭାଗ କ୍ଷୟକ୍ଷତି ଆକଳନ କରିଛି।

ଅଧିକାଂଶ ଘରର ଖପର, ଆଜବେଷ୍ଟସ ଓ ଚାଳ ଛପର ଉଡାଇ ନେଇଛି । ଗଛ ଡାଳ ପଡି କେତେକ ଘର ଭାଙ୍ଗିଯିବ ସହ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଛି। ଗ୍ରାମ ନିକଟରେ ଥିବା ବହୁ ବୃହତ ଆମ୍ବ, ମହୁଲ ଆଦି ବିଭିନ୍ନ ପ୍ରକାର ଗଛସବୁ ଧରାଶାୟୀ କରି ଦେଇଛି । ଏହି କାଳବୈଶାଖୀ ସନ୍ଧ୍ୟା ସାଢେ ୭ଟାରେ ହୋଇଥିବାବେଳେ ଲୋକେ ଛୁଆପିଲା ଧରି ଭୟଭୀତ ହୋଇ ଘରୁ ବାହାରି ଜୀବନ ବିକଳରେ ପଦାକୁ ପଳାଇ ଆସିଥିଲେ । ଅଧଘଣ୍ଟା ଧରି ଏହି କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ଘରଦ୍ୱାର ଭାଙ୍ଗିଯାଇଥିବାବେଳେ ୨ଦିନ ହେଲାଣି ଗ୍ରାମରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇରହିଛି । ଗରମରେ ଲୋକେ ଆଉଟ୍‌ପାଉଟ୍ ହେଉଛନ୍ତି। ଲୋକେ ଠିକ୍‌ରେ ରାନ୍ଧିବାଢି ପାରୁନାହାନ୍ତି। ନ ଖାଇ ନ ପିଇ ଭୋକଉପାସରେ ଦିନ କାଟୁଛନ୍ତି। ଏ ସମ୍ପର୍କରେ ବିପନ୍ନ ଗ୍ରାମବାସୀ ନିକଟସ୍ଥ କୁମ୍ଭାରବନ୍ଧ ଆର୍‌ଆଇ ଓ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଖବରପାଇ ଭାରପ୍ରାପ୍ତ ଆର୍‌ଆଇ ସଞ୍ଜୟ ବାଖର ବୁଧବାର ସକାଳେ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳ କରିଛନ୍ତି। ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବିପନ୍ନ ପରିବାରଙ୍କୁ ଯାହା କିଛି ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏହି ଗ୍ରାମରେ ପ୍ରାୟ ଲୋକେ ଦଳିତଶ୍ରେଣୀର। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଲୋକେ ଦିନ ମଜୁରିଆ ଓ ବାହାରେ ଦାଦନ ଖଟି ନିଜର ପରିବାର ପ୍ରତିପୋଷଣ କରନ୍ତି। ଏବେ ଘର ମରାମତି କରିବେ ନା ପେଟକୁ ଖାଦ୍ୟ ଖୋଜିବେ ସେହି ଚିନ୍ତାରେ ଏବେ ବିପନ୍ନ ଗ୍ରାମବାସୀ।



ଭାରପ୍ରାପ୍ତ ଆର୍‌ଆଇ ସଞ୍ଜୟ ବାଖର କ୍ଷୟକ୍ଷତି ଆକଳନ କରୁଛନ୍ତି।

- ଘରର ଆଜବେଷ୍ଟସ ଉଡାଇନେଲା
- ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ
- ଖୋଲାରେ ବିପନ୍ନ ପରିବାର
- ସରକାରୀ ସହାୟତା ଅପେକ୍ଷାରେ ଗ୍ରାମବାସୀ

### 'ସ୍ୱାସ୍ଥ୍ୟକ୍ଷେତ୍ରରେ ରାଜ୍ୟରେ ବିପ୍ଲବ ଅଣାଯିବ': ସ୍ୱାସ୍ଥ୍ୟମନ୍ତ୍ରୀ

ଝାରସୁଗୁଡା ଅଫିସ୍/ଲଖନପୁର, ୨୯/୫ (ଡି.ଏନ୍.ଏ.)

ବିଧାୟକ ନବ କିଶୋର ଦାସ ରାଜନୀତିରେ ଜଣେ ଚର୍ଚ୍ଚିତ ଚେହେରା। କଂଗ୍ରେସ ଛାଡି ସେ ଏଥର ବିଜେଡି ଟିକେଟ୍‌ରେ ନିର୍ବାଚନ ଲଢିଥିଲେ । ୪୫ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ମଧ୍ୟ ହୋଇଥିଲେ। ବିଜେଡିରେ ଯୋଗଦେଇ ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନିଶ୍ଚିତ ସ୍ଥାନ ପାଇବେ ବୋଲି ଚର୍ଚ୍ଚା ହେଉଥିଲା । ଏହି ଚର୍ଚ୍ଚା ସତ୍ୟ ହୋଇଛି । ବୁଧବାର ସେ ନବୀନଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନପାଇ କ୍ୟାବିନେଟ୍ ପାହ୍ୟା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଭାବେ ଶପଥପାଠ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ଜଣାପଡିବାପରେ ଝାରସୁଗୁଡା ଜିଲାର ବାର୍ ଆସୋସିଏଶନ୍, ଚ୍ୟାମ୍ବର୍ସ ଅଫ୍ କମର୍ସ, ଆଇଏମ୍ଏ ଆଦି ବିଭିନ୍ନ ସଂଗଠନ ତରଫରୁ ନବଙ୍କୁ ସମ୍ବର୍ଦ୍ଧନା ଜଣା ଯାଇଛି । ଏଥିପାଇଁ ଜିଲାରେ ଖୁସିର ଲହରୀ ଖେଳି ଯାଇଛି । ଜିଲାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନୂତନ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ଦାସ ତାଙ୍କ ପ୍ରତିକ୍ରିୟାରେ ଧରିତ୍ରୀକୁ କହିଛନ୍ତି ଯେ, ନବୀନଙ୍କ ସ୍ୱପ୍ନକୁ ଆମେ ସମସ୍ତେ ସାକର କରିବୁ। ସ୍ୱାସ୍ଥ୍ୟକ୍ଷେତ୍ରରେ ରାଜ୍ୟରେ ନୂତନ ବିପ୍ଳବ ଆଣିବୁ । ରାଜ୍ୟରେ ଯେମିତି ବଳକା ଡାକ୍ତର ହୋଇପାରିବେ, ମେଡିକାଲ୍ କଲେଜରେ କାର୍ଯ୍ୟ ଯେମିତି ସମ୍ପୂର୍ଣ୍ଣ ହୋଇପାରିବ, ହେଲ୍‌ଥ୍ କାର୍ଡରେ ଯେମିତି ଗରିବ ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ ଏ ସବୁକୁ ନେଇ ଏକ ଖସଡା ପ୍ରସ୍ତୁତ କରାଯିବ । ଅନ୍ୟ ରାଜ୍ୟ ଅପେକ୍ଷା ଓଡିଶାରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ବିପ୍ଳବ ଅଣାଯିବ। ଝାରସୁଗୁଡାରେ ହାର୍ଟ୍ ହସ୍‌ପିଟାଲ, କ୍ୟାନ୍ସର୍ ହସ୍‌ପିଟାଲ୍, ସୁପରସ୍ପେସିଆଲିଷ୍ଟ୍ ହସ୍‌ପିଟାଲ୍ ସାଙ୍ଗକୁ ବେଦାନ୍ତ ତରଫରୁ ପାଥୋଲୋଜି ସେଣ୍ଟର କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ବେଆଇନ୍ ଇଟାଭାଟିକୁ ଲଗାମ ନାହିଁ

ଲଖନପୁର,୨୯।୫(ଡି.ଏନ୍.ଏ.)

ମାଟି ତିଆରି ଇଟାଭଟା ହେବା ଫଳରେ ମୃତ୍ତିକା କ୍ଷୟ ସାଙ୍ଗକୁ ବାୟୁମଣ୍ଡଳ ଅଧିକ ଉତପ୍ତହୋଇ ପ୍ରଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଗତ ୪ବର୍ଷ ହେଲାଣି ସରକାର ମାଟିଇଟା ତିଆରିକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଏହା ବଦଳରେ ପାଉଁଶ ବା ଆଶ୍ ଇଟା ତିଆରିକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ସରକାରୀ ପ୍ରୋତ୍ସାହନରେ ଆଶ୍‌ଇଟା ତିଆରି ଚାଲିଛି। କିନ୍ତୁ ସରକାରଙ୍କ ନିଷେଧ ଥିବା ମାଟିଇଟା ତିଆରି ଉପରେ ରୋକ୍ ଲାଗିପାରୁନାହିଁ। ରାଜସ୍ୱ ବିଭାଗ ପ୍ରୋତ୍ସାହନରେ ବେଆଇନ୍ ମାଟିଇଟା ତିଆରି ଦ୍ରୁତଗତିରେ ଚାଲିଛି। ରାଜସ୍ୱ ବିଭାଗ ତରଫରୁ ବେଆଇନ୍ ଇଟାଭଟା ବ୍ୟବସାୟୀଙ୍କ ଉପରେ ଜୋରିମାନା କରାଯାଇ ରାଜସ୍ୱ ଅସୁଲ କରାଯାଉଛି। ଗୋଟିଏ ଗୋଟିଏ ଇଟାଭଟାରେ ଲକ୍ଷାଧିକ ଇଟାଗଡା ଯାଉଛି। ଏହାକୁ କମ୍ ଦେଖାଇ ବ୍ୟବସାୟୀଙ୍କ ସହିତ ରାଜସ୍ୱ ବିଭାଗ ସଲାସୁତ୍ରୁରା କରି ନାମକୁମାତ୍ର ଜୋରିମାନା କରୁଛନ୍ତି। ଏହି ଜୋରିମାନା ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କ ପକେଟ୍‌କୁ ସିଂହ ଭାଗ ଯାଉଥିବାବେଳେ ସରକାରୀ ରାଜକୋଷକୁ ନାମମାତ୍ର ରାଜସ୍ୱ ଯାଉଛି। ଜୋରିମାନା ନାମରେ ଅସୁଲ ହେଉଥିବା ସିଂହଭାଗ ରାଜସ୍ୱ ବିଭାଗର ତଳୁ ଉପର ପର୍ଯ୍ୟନ୍ତ ଯାଉଛି। ଏ ନେଇ ସ୍ଥାନୀୟ ଲୋକେ ଆର୍‌ଆଇ, ତହସିଲ୍ ଓ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଯେତେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏହା ଏକ ରାଜସ୍ୱ ବିଭାଗର ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ଚାଲିଛି। ଜୋରିମାନା ନାମରେ ବେଆଇନ୍ ମାଟିଇଟା ତିଆରି ବ୍ୟବସାୟୀଙ୍କୁ ରାଜସ୍ୱ ବିଭାଗ ତରଫରୁ ଏକ ପ୍ରକାର ସୁରକ୍ଷା ଯୋଗାଇ ଦିଆଯାଉଛି। ଏଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେଇ ବେଆଇନ୍ ଇଟାଭଟା ଉପରେ ଚଢାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ଆର୍‌ଆଇ କହୁଛନ୍ତି ଯେ, ଅଞ୍ଚଳରେ ଗଢିଉଠିଥିବା ବେଆଇନ୍ ଇଟାଭାଟା ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରି ତହସିଲଦାରଙ୍କୁ ପ୍ରଦାନ କରାଯାଉଛି । ତହସିଲଦାର ଏହା ଉପରେ ଜୋରିମାନା କରୁଛନ୍ତି। ଏଥିରେ ଆର୍‌ଆଇଙ୍କର କିଛି କରିବାର ନାହିଁ ବୋଲି ସଫେଇ ଦେଉଛନ୍ତି। ଏ ନେଇ ତହସିଲଦାର ଜ୍ୟୋସ୍ନାରାଣି ସାହୁ କହୁଛନ୍ତି ଯେ, ଯେଉଁମାନେ ବେଆଇନ୍ ମାଟିଇଟା ତିଆରି କରୁଛନ୍ତି ସେମାନଙ୍କ ନିକଟରୁ ଜୋରିମାନା ଅସୁଲ କରାଯାଉଛି। ମାଟିଇଟା ତିଆରି ବନ୍ଦ କରିବା ପାଇଁ ଆମ ନିକଟକୁ ସେମିତି କିଛି ସରକାରୀ ନିର୍ଦ୍ଦେଶ ଆସିନାହିଁ। ଫଳରେ ମାଟିଇଟା ତିଆରିକୁ ଆମେ ସମ୍ପୂର୍ଣ୍ଣ ବନ୍ଦ କରିପାରିବୁ ନାହିଁ ବୋଲି ତହସିଲଦାର ସାହୁ କହିଛନ୍ତି। ଲଖନପୁର ତହସିଲ୍‌ରେ ୬ଆର୍‌ଆଇ ସର୍କଲ୍ ରହିଛି। ଏଥିମଧ୍ୟରେ ଚାଣ୍ଡିପାଲି, ଭିକମପାଲି, ଲଖନପୁର, ବେଲପାହାଡ, ବନ୍ଧବାହାଲ ଓ କୁମ୍ଭାରବନ୍ଧ ଆର୍‌ଆଇ ସର୍କଲ୍ ରହିଛି। ଏହି ସବୁ ଅଞ୍ଚଳରେ ଛତୁ ଫୁଟିଲାଭଳି ବେଆଇନ୍ ମାଟିଇଟା ତିଆରି ଚାଲିଛି। ବିଶେଷ ଭାବେ ନଦୀ, ନାଳ ଓ ଜଳାଶୟ କୂଳରେ ପାଣି, ମାଟି ଓ ବାଲି ଆଦି କଞ୍ଚାମାଲ ମିଳୁଥିବାରୁ ଇଟାଭଟା ଗଢି ଉଠୁଛି । ଏହିସବୁ ଇଟାଭଟା ବ୍ୟବସାୟୀକ ଭାବେ ଚାଲିଛି । ଇଟା ପୋଡିବା ପାଇଁ ବହୁମାତ୍ରାରେ କାଠ ଓ କୋଇଲା ଆବଶ୍ୟକତା ପଡୁଛି। ଏଥିପାଇଁ ଅବାଧରେ ଜଙ୍ଗଲରୁ ଗଛକଟା ଚାଲିଛି। ଫଳରେ ଦ୍ରୁତଗତିରେ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି । ବ୍ୟବହୃତ ହେଉଥିବା କୋଇଲା ଲୋକେ ଖଣିରୁ ଚୋରି କରି ଇଟାଭଟାକୁ ଯୋଗାଉଛନ୍ତି। କେତେକ ଇଟାଭଟାକୁ ବେଆଇନ୍ ବିଦ୍ୟୁତ ସଂଯୋଗ ହୋଇଛି। ଏବେ ଅଞ୍ଚଳରେ ହଜାର ହଜାର ଇଟାଭଟା ଜଳୁଛି। ଏଥିରୁ ଧୂଳି, ଧୂଆଁ ନିର୍ଗତ ହୋଇ ବାୟୁମଣ୍ଡଳକୁ ଅଧିକ ଉତପ୍ତ କରୁଛି। ଏହାର ପ୍ରଭାବରେ ଲଖନପୁର ଅଞ୍ଚଳରେ ତାପମାତ୍ର ବଢୁଛି। ଏଥିରେ ଜନଜୀବନ ଅସ୍ତବ୍ୟସ୍ତ ହେଉଛି।



ବନ୍ଧବାହାଲ ଅଞ୍ଚଳରେ ଗଢିଉଠିଥିବା ବେଆଇନ୍ ଇଟାଭଟି।

**ଲଖନପୁର ତହସିଲ**

- ମୃତ୍ତିକା କ୍ଷୟ ସାଙ୍ଗକୁ ଉତାପ ବୃଦ୍ଧି
- ବ୍ୟବହୃତ ହେଉଛି ଚୋରା କୋଇଲା
- ରାଜସ୍ୱ ଅସୁଲ ଆଳରେ ଅଧିକାରୀ, କର୍ମଚାରୀଙ୍କ ପକେଟ୍ ଗରମ

## ନବୀନଙ୍କ ନୂତନ ମନ୍ତ୍ରିମଣ୍ଡଳ

# ଦିବ୍ୟଶଙ୍କର ସାମିଲ, ଜିଲାରେ ଖୁସିର ଲହରି

ଜୁନାଗଡ,୨୯।୫ (ଡି.ଏନ.ଏ.)



କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ତାଙ୍କୁ ଶକ୍ତି, ଶିଳ୍ପ, ସୁକ୍ଷ୍ମ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ସହ ଗୃହ ବିଭାଗର ଅତିରିକ୍ତ ମିଳିଛି। ଏହି ଖବର ପ୍ରସାରିତ ହେବା ପରେ କଳାହାଣ୍ଡି ଜିଲାରେ ଖୁସିର ଲହରି ଖେଳିଯାଇଛି। ବିଭିନ୍ନବର୍ଗରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ୨୦୧୪ରେ ପାଇଲଟ ଚାକିରି ଛାଡି ନୂଆଁ ମୁହଁ ଭାବେ ଜୁନାଗଡ ନିର୍ବାଚନମଣ୍ଡିଳୀରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ନିର୍ବାଚନରେ ଜିଲାର ୪ଟି ନିର୍ବାଚନୀମଣ୍ଡଳୀରେ ବିଜେଡି ନୂଆ ଚେହେରା ଦେଇଥିଲା। କିନ୍ତୁ ଶେଷରେ ଦଳ ତାଙ୍କୁ ପୁଣି ଥରେ ଭରସା କରି ଜୁନାଗଡ ବିଧାନସଭା ମଣ୍ଡଳୀରେ ଟିକେଟ ଦେଇଥିଲା। ଏଥିରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ ମନୋଜ କୁମାର ମେହେରଙ୍କୁ ୨୭ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ହରାଇ ପୁଣି ଥରେ ନିଜ ଲୋକପ୍ରିୟତାର ପ୍ରମାଣ ଦେଇଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହନ୍ତି ଯେ, ପ୍ରଥମେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ତାଙ୍କୁ ଦିଆଯାଇଥିବା ଦାୟିତ୍ୱକୁ ସୁଚାରୁ ଭାବେ ଓ ଉତ୍ତମ ଢଙ୍ଗରେ ନିର୍ବାହ କରିବେ।

## ମନ୍ତ୍ରୀଶୂନ୍ୟ ସୁନ୍ଦରଗଡ଼

# ସାରଦା, ସୁବ୍ରତ ବାଦ୍ ପଡ଼ିବା ନେଇ ଚର୍ଚ୍ଚା

ରାଉରକେଲା ଅଫିସ,୨୯।୫

ନବୀନ ପଟ୍ଟନାୟକଙ୍କ ୫ମ ପାଳି ସରକାରରେ ଏଥର ସୁନ୍ଦରଗଡ଼ ଜିଲା ମନ୍ତ୍ରୀଶୂନ୍ୟ ହୋଇଛି। ସୁନ୍ଦରଗଡ଼ ଲୋକ ସଭା ତଥା ଜିଲା ଅଧୀନ ୭ ବିଧାନସଭା ଆସନରୁ ଏଥର ମଧ୍ୟ ୨ ବିଜେଡି ବିଧାୟକ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ପୂର୍ବତନ ମନ୍ତ୍ରୀ ତଥା ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ ଓ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ। ନିର୍ବାଚନ ଜିତିବା ପରେ ଆଶା ଥିଲା ଏ ଦୁହିଁଙ୍କ ମଧ୍ୟରୁ ଅନ୍ତତଃ ଜଣଙ୍କୁ ମନ୍ତ୍ରୀପଦ ମିଳିବ। ହେଲେ ସେପରି କିଛି ହୋଇନାହିଁ। ଫଳରେ ନିରାଶ ହୋଇଛନ୍ତି ସମର୍ଥକ ତଥା ଜିଲାବାସୀ। ଚର୍ଚ୍ଚମା ଚାଲିଛି କାହିଁକି ମିଳିଲାନି ଏହି ଦୁଇ ନେତାଙ୍କୁ ମନ୍ତ୍ରୀପଦ।

ରଘୁନାଥପାଲି ବିଧାୟକ ତରାଇ ୩ୟ ଥର ଜିତି ହ୍ୟାଟ୍ରିକ୍ କରିଥିବା ବେଳେ ପୂର୍ବରୁ ମନ୍ତ୍ରୀ ଓ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହରାଙ୍କୁ ସେ ୨ୟ ଥର ପରାସ୍ତ କରିଛନ୍ତି, ଯଦିଓ ଭୋଟ ବ୍ୟବଧାନ ଆଶାନୁରୂପ ବୋଲି କୁହାଯାଇ ପାରିବନି। ମାତ୍ର ୪ ହଜାର ଭୋଟ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି ତରାଇ। ମନ୍ତ୍ରୀପଦ ପାଇଁ ଏହା ଏକ ମାପକାଠି ବୋଲି କୁହାଯାଇ ପାରିବନି, ସମର୍ଥକ ଏଭଳି ବିବେଚନା କରୁଛନ୍ତି। ସେହିଭଳି ସାରଦା ୨୦୧୪ରେ ପରାଜୟ ବରଣ କରିଥିବା ବେଳେ ଏଥର ସେ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ପ୍ରାର୍ଥୀ ନିହାର ରାୟଙ୍କୁ ପରାଜିତ କରିଛନ୍ତି। ସେ ସୁନ୍ଦରଗଡ଼ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ରୂପେ ସଂଗଠନକୁ ଦୃଢ଼ କରିବାରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ସତ୍ତ୍ୱେ ତାଙ୍କୁ ମନ୍ତ୍ରୀପଦ ମିଳିନାହିଁ। ଏ ନେଇ ସମଗ୍ର ଜିଲାରେ ନିରାଶା ଖେଳିଯାଇଛି। ବିଜେଡି ସମର୍ଥକଙ୍କ ଆଶା ମଉଳିଯାଇଛି।

ଏହି ଦୁଇ ନେତାଙ୍କୁ ମନ୍ତ୍ରୀପଦ ନ ମିଳିବା ପଛରେ ଅନେକ କାରଣ ରହିଥିବା ଆଲୋଚନା ହେଉଛି। ବିଶେଷକରି ଭାଜପା ନେତା ଜୁଏଲ ଓରାମ ରଘୁନାଥପାଲି ଓ ରାଉରକେଲା ବିଧାନସଭା ଆସନରୁ ସର୍ବାଧିକ ଭୋଟ ପାଇବା ନବୀନଙ୍କୁ କ୍ଷୁବ୍ଧ କରିଥାଇ ପାରେ ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି। ଏହାବ୍ୟତୀତ ସୁନ୍ଦରଗଡ଼ ଜିଲାରେ ପ୍ରତି ଥର ଦୁଇରୁ ଅଧିକ ଆସନ ହାତେଇ ପାରୁ ନ ଥିବା ବିଜେଡିର ଫଳାଫଳ ନେଇ ହୁଏତ ସେ ଅସନ୍ତୁଷ୍ଟ ଥିବା ମଧ୍ୟ କୁହାଯାଇପାରେ। ନିର୍ବାଚନରେ ଜିତିବା ପାଇଁ ଦଳ ଓ ଦକ୍ଷତାକୁ ନ ଭରସି ଏହି ଦୁଇ ନେତା ପୂର୍ବତନ ଭାଜପା ନେତା ତଥା ପୂର୍ବତନ ବିଧାୟକ ଦିଲୀପ ରାୟଙ୍କ ଶରଣାପନ୍ନ ହେବା ଘଟଣା ନବୀନଙ୍କ ପାଇଁ ହୁଏତ ଭିନ୍ନ ବାର୍ତ୍ତା ପ୍ରଦାନ କରିଥାଇପାରେ ବୋଲି କେତେକ ଆଲୋଚନା କରୁଛନ୍ତି। ଜିଲା ବିଜେଡି ସଭାପତି ମଙ୍ଗଳା କିଷାନଙ୍କୁ କଂଗ୍ରେସ ପ୍ରାର୍ଥୀ ରାଜନ ଏକ୍କା ହରାଇବା, ଟିକେଟରୁ ବଞ୍ଚିତ ହେବା ପରେ ବିଜେଡି ଛାଡ଼ି ଭାଜପାରୁ ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ସୁନ୍ଦରଗଡ଼ ଆସନରୁ ବିଜୟ ଲାଭ କରିବା ଭଳି କେତେକ କାରଣ ସୁବ୍ରତ ଓ ସାରଦାଙ୍କୁ ମନ୍ତ୍ରୀପଦରୁ ବଞ୍ଚିତ କରିଥାଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେହିଭଳି ଟ୍ୱିନ୍ ନିର୍ବାଚନ ମଣ୍ଡଳୀ ଭାବେ ପରିଚିତ ରଘୁନାଥପାଲି ଓ ରାଉରକେଲା ଆସନରୁ ନିର୍ବାଚନ ଜିଣିଥିବା ସାରଦା ଓ ସୁବ୍ରତଙ୍କ ମଧ୍ୟରୁ ଜଣଙ୍କୁ ମନ୍ତ୍ରୀ କଲେ କାଳେ କର୍ମୀ ମହଲରେ ଅସନ୍ତୋଷ ସୃଷ୍ଟି ହେବ ସେ ନେଇ ହୁଏତ ଏହି ଦୁଇ ନେତଙ୍କୁ ମନ୍ତ୍ରୀପଦରୁ ବଞ୍ଚିତ ହେବାକୁ ପଡ଼ିଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଯାହା ବି ହେଉ ନା କାହିଁକି, ଏଥର ନବୀନଙ୍କ ମନ୍ତ୍ରିମଣ୍ଡଳରେ ସୁନ୍ଦରଗଡ଼ ଜିଲାରୁ କେହି ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ନ ପାରିବା ଘଟଣାକୁ ସହଜରେ କେହି ହଜମ ପରିପାରୁନାହାନ୍ତି। ଆଗାମୀ ଦିନରେ ନବୀନ ନିଶ୍ଚିତ ଏ ଦିଗରେ ଧ୍ୟାନ ଦେବେ ଏହି ଆଶାରେ କର୍ମୀ ମନକୁ ବୁଝାଇ ନୀରବ ରହିଛନ୍ତି।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର

## ସଂକ୍ଷେପରେ

### ନାଟକ ମାଧ୍ୟମରେ ସଚେତନତା

**ସମ୍ବଲପୁର, ୨୯।୫ (ବ୍ୟୁରୋ)-** ସମ୍ବଲପୁର ପାନ୍ଥନିବାସଠାରେ ନାଟକ ମାଧ୍ୟମରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପତଙ୍ଗ ଓ ଏନଏଫଆଇ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହୋଇଥିଲା । ମହିଳାଙ୍କ ପ୍ରତି ହିଂସା, ଜାତିବାଦ, ଧନୀଗରିବ ଭେଦଭାବ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ନାଟକ ଗୁଡିକ ପରିବେଷିତ ହୋଇଥିଲା । ୩୦ଜଣ ଯୁବତୀ ଯୁବକ ଏଥିରେ ଭାଗ ନେଇଥିଲେ । ସେମାନେ ଗୋଲବଜାର ଛକ ଓ ଚାଆଁରପୁର ଗ୍ରାମରେ ପଦଯାତ୍ରା କରି ସଚେତନ କରାଇଥିଲେ । ଲିଙ୍ଗ ଭେଦଭାବ ଉପରେ ପଦକ୍ଷେପ ନେଇଥିବା ୧୦ଜଣ ଯୁବତୀ ଓ ଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କର୍ମଶାଳାକୁ ଦିଲ୍ଲୀସ୍ଥିତ ଏକ ଅନୁଷ୍ଠାନର ମୁଖ୍ୟ ତାଲିମ ପ୍ରଦାନ କରିଥିଲେ।

# ନୂଆ ମନ୍ତ୍ରିମଣ୍ଡଳରେ ସମ୍ବଲପୁରକୁ ଉପେକ୍ଷା

**ସମ୍ବଲପୁର,୨୯।୫ (ବ୍ୟୁରୋ)**

ବିଜେଡି ପଞ୍ଚମ ଥର ପାଇଁ ରାଜ୍ୟରେ ସରକାର ଗଠନ କରିଛି। ମୁଖ୍ୟମନ୍ତ୍ରୀ ଭାବେ ଦଳ ସଭାପତି ନବୀନ ପଟ୍ଟନାୟକ ନିଜ ମନ୍ତ୍ରିମଣ୍ଡଳ ସହ ଶପଥ ଗ୍ରହଣ କରିଛନ୍ତି। ହେଲେ ସମ୍ବଲପୁର ଜିଲାକୁ ଏଥର ମନ୍ତ୍ରିମଣ୍ଡଳରୁ ବାଦ ଦିଆଯାଇଛି। ଏଣୁ ଏହାକୁ ନେଇ ଜିଲାରେ ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ବଲପୁର ଜିଲା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଛନ୍ତି। ସେହିଭଳି କୁଚିଣ୍ଡା ବିଧାନସଭା ଆସନକୁ ମଧ୍ୟ ଏଥର ବିଜେଡି ହାତେଇଛି। ଏଠାରୁ କିଶୋର ନାଏକ ବିଜୟୀ ହୋଇଛନ୍ତି । ତେବେ ରୋହିତ ଏଥର ମନ୍ତ୍ରୀ ପଦ ପାଇବା ସମ୍ଭାବନା ରହିଥିଲା । ତାଙ୍କ ସମର୍ଥକ ଓ ଜିଲାବାସୀ ମଧ୍ୟ ଏହିଆଶା ରଖିଥିଲେ । ହେଲେ ଏବେ ନିରାଶ ହେବାକୁ ପଡିଛି। ଏଣୁ ସମ୍ବଲପୁର ପ୍ରତି ଅନ୍ୟାୟ ହୋଇଥିବା ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନର ସଦସ୍ୟ ଓ ଜନ ସାଧାରଣ ଏକା ସ୍ୱରରେ କହିଛନ୍ତି । ସୂଚନାଯୋଗ୍ୟ ଯେ, ସମ୍ବଲପୁରକୁ ବାଦ ଦେଲେ ଏଥର ନବୀନଙ୍କ ମନ୍ତ୍ରିମଣ୍ଡରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡା ଜିଲାରୁ ନବ କିଶୋର ଦାସ, ବରଗଡ ଜିଲାର ସୁଶାନ୍ତ ସିଂ, ସୁବର୍ଣ୍ଣପୁର ଜିଲାର ପଦ୍ମନାଭ ବେହେରା ଓ ନିରଞ୍ଜନ ପୂଜାରୀ, ବଲାଙ୍ଗୀର ଜିଲାର ଟୁକୁନୀ ସାହୁ, କଳାହାଣ୍ଡି ଜିଲାର ଦିବ୍ୟଶଙ୍କର ମିଶ୍ର ମନ୍ତ୍ରୀପଦ ପାଇଛନ୍ତି ।



ସମ୍ବଲପୁର ଜିଲାକୁ ପଶ୍ଚିମ ଓଡିଶାର ରାଜଧାନୀ ବୋଲି କୁହାଯାଏ । ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ ସମ୍ବଲପୁର ଜିଲାରୁ ଜଣେ ମନ୍ତ୍ରୀ ଆବଶ୍ୟକ ରହିଥିଲା । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାର ପ୍ରତିନିଧିତ୍ୱକୁ ସୁଦୃଢ କରିବା ସକାଶେ ପ୍ରତିବଦ୍ଧତା ପରିପ୍ରକାଶ କରିବେ ବୋଲି ଦଳର କର୍ମକର୍ତ୍ତା ଆଶାବାଦୀଅଛନ୍ତି।

**ଗୋପିରଞ୍ଜନ ବେହେରା, ମାନେଶ୍ୱର ବ୍ଲକ ବିଜେଡି ସଭାପତି**



ସମ୍ବଲପୁର ଜିଲାକୁ ଅବହେଳା କରାଯାଉଛି । ଏହା ନୂଆ କଥା ନୁହେଁ । ଏଥର ଜିଲାରୁ ୨ ଜଣ ବିଧାୟକ ବିଜୟୀ ହୋଇଛନ୍ତି। ହେଲେ କାହାକୁ ଜଣଙ୍କୁ ମଧ୍ୟ ମନ୍ତ୍ରୀ ମଣ୍ଡଳରେ ସାମିଲ କରାଗଲା ନାହିଁ । ଏଥିରୁ ଜଣା ପଡୁଛି ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ପ୍ରତି କେତେ ଆନ୍ତରିକତା ଅଛି ।

**ଗୋବିନ୍ଦ ଅଗ୍ରୱାଲ, ଭାଜପା ରାଜ୍ୟ ପ୍ରବକ୍ତା ତଥା ସମ୍ବଲପୁର ଲୋକସଭା ପ୍ରଭାରୀ।**



ସମ୍ବଲପୁର ଜିଲା ପ୍ରତି ପୂର୍ବରୁ ଅନ୍ୟାୟ ହୋଇ ଆସୁଛି। ଏଥର ମଧ୍ୟ ସମ୍ବଲପୁର ଜିଲା ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ୟାୟ କରିଛନ୍ତି । କୋଶଳୀ ଓ ସମ୍ବଲପୁରୀ ଭାଷାକୁ ବିଭ୍ରାଟ କରାଯାଉଛି। ସମ୍ବଲପୁର ଜିଲାର ଜଣେ ବିଧାୟକଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରିବା ଆବଶ୍ୟକତା ରହିଛି।

**ସରୋଜ କୁମାର ଦାସ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସାଧାରଣ ସଂପାଦକ।**



ସମ୍ବଲପୁର ଜିଲାକୁ ମନ୍ତ୍ରୀପଦ ନିଶ୍ଚୟ ଦେବା ଉଚିତ । ସମ୍ବଲପୁର ଏକ ଗୁରୁତ୍ୱପୂର୍ଣ୍ଣ ଜିଲା। ତେଣୁ ଜିଲାବାସୀଙ୍କ ସ୍ୱାର୍ଥ ଓ ବିକାଶ ଦୃଷ୍ଟିରୁ ଏହି ଜିଲାର ୨ ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ମନ୍ତ୍ରୀ ପଦ ଦେବା ଆବଶ୍ୟକ ରହିଥିଲା। ତେବେ କିଏ ମନ୍ତ୍ରୀ ହେବେ ଆଉ କିଏ ହେବେ ନାହିଁ ତାହା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ ବ୍ୟପାର ହୋଇଥିଲେ ମଧ୍ୟ ଜନ ସାଧାରଣଙ୍କ ସ୍ୱାର୍ଥକୁ ଉପେକ୍ଷା କରିବା ଉଚିତ ନୁହେଁ ।

**ଅଶ୍ୱିନୀ ଗୁରୁ, କଂଗ୍ରେସ ଜିଲା ସଭାପତି**

## ୨୩ ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ

**କର୍ଲାମୁଣ୍ଡା,୨୯।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର କର୍ଲାମୁଣ୍ଡା ସମବାୟ ସମିତି ପକ୍ଷରୁ ବୁଧବାର ମଣ୍ଡି ଉଦ୍‌ଘାଟନ କରାଯାଇ ଧାନ କ୍ରୟ କରିବା ଆରମ୍ଭ ହୋଇଯାଇଛି। ଏହି ଅବସରରେ ସମବାୟ ସମିତି ସଭାପତି ଗୋବର୍ଦ୍ଧନ ଭୋଇ, ସମ୍ପାଦକ ଭବାନୀଶଙ୍କର ସାହୁ, ଦେବରାଜ ରଣା ପ୍ରମୁଖ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୨୧ ଜଣ ଚାଷୀଙ୍କ ୧ ହଜାର ୩୦ କୁଇଇଣ୍ଟାଲ ଧାନ କିଣିବାକୁ ଚାଷୀଙ୍କୁ ଟୋକନ ଦିଆଯାଇଥିଲା। ସମବାୟ ସମିତି ଜରିଆରେ ୨୩ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଥିବା ସମ୍ପାଦକ ଭବାନୀଶଙ୍କର ସାହୁ କହିଛନ୍ତି।

# ଜିଏମ୍ କଲେଜ ସ୍ଥାନାନ୍ତର ହେଲେ ଜଟିଳ ପରିସ୍ଥିତି ହେବ

**ସମ୍ବଲପୁର, ୨୯।୫ (ବ୍ୟୁରୋ)**





ବୁଧବାର ସମ୍ବଲପୁର ଝାଡୁଆପଡା ବଡଦୁଆରଠାରେ ଆୟୋଜିତ ବୈଠକରେ ସଦସ୍ୟମାନେ ।

୭୫ ବର୍ଷ ଧରି ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଭାବେ ରହି ଆସିଛି । ରାଜ୍ୟ ତଥା ରାଜ୍ୟବାହାରେ ଏହା ସୁନାମ ଅର୍ଜନ କରିଛି । କିଛି ବର୍ଷ ପୂର୍ବରୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ପାଇବା ଏକ ଗର୍ବ ଓ ଗୌରବର ବିଷୟ ରହିଛି। ଏବେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା କନିଷ୍ଠ ମହାବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଉଛି । ତେଣୁ ଏହାକୁ କୌଣସି ପରିସ୍ଥିତିରେ ମଧ୍ୟ ସ୍ଥାନାନ୍ତର କରାନଯାଉ ବୋଲି ସମ୍ବଲପୁର ଝାଡୁଆପଡା ବଡଦୁଆରଠାରେ ଆୟୋଜିତ ବୈଠକରେ ଦାବି କରାଯାଇଛି। ଜୁନିୟର କଲେଜ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ । ସ୍ଥାନାନ୍ତର ହେଲେ ଜଟିଳ ପରିସ୍ଥିତି ସୃଷ୍ଟି ହେବ । ଅନୁଷ୍ଠାନର ଐତିହ୍ୟ, ସଂହତି, ଗାରିମାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରନ୍ତୁ ନାହିଁ ବୋଲି ମତପ୍ରକାଶ ପାଇଥିଲା । ବୈଠକରେ ଭାଗବତ ପ୍ରସାଦ ନନ୍ଦ ସଭାପତିତ୍ୱ କରିଥିଲେ । ସତ୍ୟନାରାୟଣ ଠାକୁର ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ ଛାତ୍ରୀ ଶ୍ରେୟା ପ୍ରିୟଦର୍ଶନୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶିବ ପ୍ରସାଦ ମେହେର, ପ୍ରଫୁଲ୍ଲ ହୋତା, ସରୋଜ ଦାଶ, ସୁଧିର ପୂଜାହାରୀ, ମହେନ୍ଦ୍ର ମିଶ୍ର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଡ. ଜୟଦେବ ମେହେର, ସଞ୍ଜୀବ ମିଶ୍ର, ଅଶୋକ ପ୍ରଧାନ, ଡ. ସଞ୍ଜୀବ ମିଶ୍ର, ଅରବିନ୍ଦ ମହାପାତ୍ର, ସୁବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ପଦକ୍ଷେପ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ମୁରାରୀ ପୁରୋହିତ, ରଘୁନାଥ ମିଶ୍ର, ସରୋଜ ମହାନ୍ତି, ସୂର୍ଯ୍ୟ ପାଣିଗ୍ରାହୀ, ହରିଶଙ୍କର ମେହେର, ବୋଧରାମ ଦାଶ, ରାଧାକାନ୍ତ ବହିଦାର, ଭୋଳନାଥ ପାଣ୍ଡେ, ଆତିଫ ଆଲମ୍ ପ୍ରମୁଖ ସଦସ୍ୟ ରହିଛନ୍ତି ।

## ମଦ କୋଠି ଉଚ୍ଛେଦ ପାଇଁ ଦାବିପତ୍ର

**ଭବାନୀପାଟଣା,୨୯।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ପରଲସିଙ୍ଗା ଗ୍ରାମରେ ବେଆଇନ ଭାବେ ମଦ କୋଠିଗୁଡିକ ଚାଲୁଛି। ଏହାକୁ ଉଚ୍ଛେଦ କରିବାକୁ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୫୦ ମହିଳା ଦାବି କରିଛନ୍ତି । ଗତ ୨୭ ତାରିଖରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଭବାନୀପାଟଣା ଆସି ଅବକାରୀ ଅଧୀକ୍ଷକଙ୍କୁ ସାକ୍ଷତ କରି ଗ୍ରାମରେ ବେଆଇନ ଭାବେ ଚାଲୁଥିବା ମଦ କୋଠିଗୁଡିକୁ ଉଚ୍ଛେଦ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଗ୍ରାମରେ ସ୍କୁଲ ସାମ୍ନାରେ, ମୁଖ୍ୟ ଛକରେ ଓ ବିଭିନ୍ନ ସ୍ଥାନରେ ସମୁଦାୟ ୬ଟି ମଦ କୋଠି ବେଆଇନ ଭାବେ ଚାଲୁଛି। ଏଥି ଯୋଗୁ ଗାଁର ପରିବେଶ ଦୂଷିତ ହେବା ସହ ମଦ୍ୟପମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ମଦ ପିଇ ଅସାମାଜିକ ଲୋକମାନେ ବିଶୃଙ୍ଖଳା ସୃଷ୍ଟି କରିବା ସହ ମହିଳାମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଫଳରେ ଗାଁରେ ଝିଅ ଭଉଣୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହା ବ୍ୟତିତ ମଦ ପିଇବା ଯୋଗୁ ପ୍ରତି ପରିବାରରେ ତାହାର କୁପ୍ରଭାବ ଦେଖିବାକୁ ମିଳୁଛି। ଗତ ୧୭ ତାରିଖରେ ଗାଁର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପରୁ ଏକ ସଭା କରାଯାଇ ପରଲସିଙ୍ଗା ଗ୍ରାମକୁ ମଦ ମୁକ୍ତ ଗ୍ରାମ କରିବାକୁ ନିଷ୍ପତ୍ତି ନିଆଗଲା ଏବଂ ଏ ସମ୍ପର୍କରେ ଗ୍ରାମରେ ଚାଲୁ ଥିବା ମଦ କୋଠି ମାନଙ୍କୁ ସୂଚନା ଦିଆଯାଇଥିଲା । ମଦ କୋଠିମାନେ ଏଥିପାଇଁ କିଛି ସମୟ ମାଗି ଥିଲେ । ତେବେ ଆଜି ପର୍ଯ୍ୟନ୍ତ ଗାଁରେ ମଦ ବିକ୍ରି ଚାଲୁଥିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଓ ମଦ ବିରୋଧୀ ଗ୍ରାମବାସୀ ବେଆଇନ ମଦ କୋଠିଗୁଡିକୁ ବନ୍ଦ କରିବା ପାଇଁ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅବକାରୀ ବିଭାଗ ପକ୍ଷରୁ ବେଆଇନ୍ ମଦ କୋଠି ଉଚ୍ଛେଦ ପାଇଁ ପଦକ୍ଷେପ ତୁରନ୍ତ ନିଆ ନ ଗଲେ ବାଧ୍ୟ ହୋଇ ମହିଳାମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସ୍ୱେରେଜ ପ୍ରକଳ୍ପ ରକ୍ଷଣାବେକ୍ଷଣ ଦାବି

**ରାଉରକେଲା ଅଫିସ,୨୯।୫**

ସ୍ୱେରେଜ୍ ପ୍ରକଳ୍ପ ରକ୍ଷଣାବେକ୍ଷଣ ନେଇ କୋଏଲନଗର ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ବର୍ଷା ଆସୁଥିବା ବେଳେ ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଆର୍‌ଏମ୍‌ସି ଅଧିକାରୀଙ୍କୁ ଭେଟି ଦାବି କରିଛନ୍ତି। ଏହି ଅଞ୍ଚଳର ଡ୍ରେନ୍ ସଫା କରାଯାଉ ନ ଥିବାରୁ ଅନେକ ସମୟରେ ଏହା ଜାମ୍ ରହୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ଷା ଦିନେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ପାଣି ଭାସୁଛି। କେତେକ ନାଳ ଆଦୌ ସଫା କରାଯାଉ ନ ଥିବାରୁ ଆବର୍ଜନା ଜମିରହି ଏଥିରୁ ଦୁର୍ଗନ୍ଧ ବାହାରୁଛି। ଏହା ଦ୍ୱାରା ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଅଞ୍ଚଳବାସୀ ନିୟମିତ ଟାକ୍ସ ପୈଠ କରୁଥିବାବେଳେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ଏକ ପ୍ରତିନିଧି ମଣ୍ଡଳୀ ଆରଏମସି ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏଥିରେ ପୂର୍ବତନ କାଉନସିଲର ଅନୁପ ସାମଲ, ଭାଜପା ନେତା ଚନ୍ଦନ ସାମଲ ପ୍ରମୁଖ ସାମିଲ ଥିଲେ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କୋଏଲନଗର ଅଞ୍ଚଳରେ ନିର୍ମାଣ କରାଯାଇଥିବା ସ୍ୱେରେଜ୍ ଲାଇନ ଏକପ୍ରକର ଅଚଳ ହେବାକୁ ବସିଲାଣି। ଏହାର ନବୀକରଣ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେଉନାହାନ୍ତି। ଆସନ୍ତା ବର୍ଷାଦିନ ପୂର୍ବରୁ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ପରିସ୍ଥିତି ଅସମ୍ଭାଳ ହେବ ବୋଲି କୁହାଯାଇଛି। କୋଏଲନଗର ଅଞ୍ଚଳବାସୀଙ୍କ ମୌଳିକ ସୁବିଧା ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ବରିଷ୍ଠ ନାଗରିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାରମ୍ୱାର ଦାବିପତ୍ର, ଅଭିଯୋଗ ଓ ଅନ୍ଦୋଳନ ସତ୍ତ୍ୱେ ପ୍ରତିକାର କରାଯାଉନି। ଆଗାମୀ ଦିନରେ ଏହାକୁ ଆଳ କରି ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ଅସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଛି।



ସ୍ୱେରେଜ କାମ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସ୍ଥାନୀୟ ବାସିନ୍ଦା।

## ଗାଡ଼ି ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ତଳଗାଁ,୨୯।୫ (ଡି.ଏନ.ଏ):**ବୌଦ୍ଧ ଓ ନୟାଗଡ ଜିଲା ସୀମାନ୍ତ ବାଣିଗୋଛା କେନ୍ଦୁପତ୍ର ଫଡି ନିକଟରେ ଜଣେ ବୋଲେରେ ଗାଡି ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଜଗନ୍ନାଥ ପ୍ରଧାନ ଓ ତାଙ୍କ ଘର ବୌଦ୍ଧ ଜିଲା କୁଶଙ୍ଗ ପଞ୍ଚାୟତର କୁମାରୀ ଗ୍ରାମରେ। ସୂଚନା ମୁତାବକ, ମଙ୍ଗଳବାର ଜଗନ୍ନାଥ ହରଭଙ୍ଗା ବ୍ଲକ କୁଶଙ୍ଗଠାରୁ କନ୍ଧମାଳ ଜିଲା ଚକାପାଦ ଅଞ୍ଚଳକୁ ବରଯାତ୍ରୀ ନେଇ ଯାଉଥିଲେ । ରାତି ୨ଟାରେ ବାଣିଗୋଛା କେନ୍ଦୁପତ୍ର ଫଡି ନିକଟରେ ଗାଡିଟି ରହିଥିଲା। ବୁଧବାର ଅପରାହ୍ନ ୧ଟା ବେଳେ ଗାଡି ଭିତରେ ମୋବାଇଲ ବାଜିବା ପରେ ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବାଣିଗୋଛା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିଚାଳକ ଜଗନ୍ନାଥ ଗାଡି ଭିତରେ ମରିଯାଇଥିବା ଦେଖିବାକୁ ପାଇଥିଲା । ପରେ ମୋବାଇଲ ଫୋନରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ। ବାଣିଗୋଛା ପୋଲିସ ଶବ ଜବତ କରିବା ସହ ପୋଷ୍ଟମର୍ଟମ ପାଇଁ ଦଶପଲ୍ଲା ମେଡିକାଲକୁ ପଠାଇଥିଲା । ଅନ୍ୟପକ୍ଷେ ଜଗନ୍ନାଥଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୋଷ୍ଟ ମର୍ଟମ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ପକ୍ଷରୁ କୁହାଯାଇଛି ।



ବୁଧବାର ସମ୍ବଲପୁର ସହଯୋଗନଗର ଛକରେ ଅତିଥିମାନେ ସାଂସ୍କୃତିକା-୨୦୧୯ ଉତ୍ସବକୁ ଶୁଭାରମ୍ଭ କରୁଛନ୍ତି ।



ସାଂସ୍କୃତିକା-୨୦୧୯ ଉତ୍ସବରେ ସ୍ୱାଗତ ସଂଗୀତ ଗାନ କରାଯାଉଛି ।

# 'ସାଂସ୍କୃତିକା'ର ନାଚଗୀତରେ ଝୁମିଲେ ଦର୍ଶକ

**ସମ୍ବଲପୁର, ୨୯।୫ (ବ୍ୟୁରୋ)**

ସମ୍ବଲପୁର ସହଯୋଗନଗର ଛକଠାରେ ସାଇଶିକ୍ଷା ପରିଷଦ ଦ୍ୱାରା ସାଂସ୍କୃତିକା-୨୦୧୯ ବୁଧବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି । ନୃତ୍ୟ, ଗୀତରେ ଦର୍ଶକ ଝୁମି ଉଠିଥିଲେ । କଳାକାରଙ୍କ ଓଡିଶୀ, ଆଧୁନିକ, ସମ୍ବଲପୁରୀ ଲୋକନୃତ୍ୟ ଓ ବାଦ୍ୟ ତାଳରେ ଦର୍ଶକ ବିମୋହିତ ହୋଇଥିଲେ । ଅନୁଷ୍ଠାନ ନିର୍ଦ୍ଦେଶକ ନନ୍ଦକିଶୋର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଏଜେ ଫାଉଣ୍ଡେସନ ମୁଖ୍ୟ ଇଂ. ଅଶୋକ ଜଲାନ ମୁଖ୍ୟଅତିଥି, ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ, ଖବରଦାତା ପ୍ରଫୁଲ୍ଲ କୁମାର ଦାଶ, ପତଞ୍ଜଳୀ ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷା ଓ କଳାର ମିଳନ ସାଂସ୍କୃତିକା ଉତ୍ସବ । ଏହା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହୋଇପାରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଲୋକନୃତ୍ୟ ଗୁରୁ ଅସୀମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ରାମାଶିଷ ତ୍ରିପାଠୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ସଙ୍ଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ ପରିବେଷିତ ହୋଇଥିଲା । ଯୁଗଳ ଭୋଇ, ଗୀତାଞ୍ଜଳି ମେହେର ପ୍ରମୁଖ ଗୀତ ଗାନ କରିଥିଲେ । ଶ୍ରେୟାଂଶ ମାଝୀ ଗିଟାର ବାଦନ କରିଥିଲେ । ଏଥିସହ ଉତ୍ସବ ପରିସରରେ ଗ୍ରୀଷ୍ମକାଳୀନ ଶିବିରରେ ଭାଗ ନେଇଥିବା ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା । ସଂଗୀତଜ୍ଞ ଶଙ୍କରପ୍ରସାଦ ପ୍ରଧାନ, ଅଞ୍ଜଳି ପାତ୍ର, ରେଶମା ବାର୍ଲା, ଭଗବତୀ ସାଲମା, ଜୁଲି ନାୟକ, ଅନୀତା ସାହୁ, ତନୁଶ୍ରୀ ଧର, ନିବେଦିତା ଦାଶ, ମନିଷ ଦୁବେ, ସୋନାଲି ସାମରିଆ, ପ୍ରିତି ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ସାଂସ୍କୃତିକ ଉତ୍ସବରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।



ସାଂସ୍କୃତିକ ଉତ୍ସବରେ ଆଧୁନିକ ନୃତ୍ୟ ।

# ଖାଦ୍ୟରୁଚି

## ଆବଶ୍ୟକ ସାମଗ୍ରୀ

- ଚିକେନ–୨୦୦ଗ୍ରାମ୍
- କଞ୍ଚା ଅଣ୍ଡା–୧ ଟା
- ସୋରିଷ ବଟା–୩ ଚାମଚ
- ପିଆଜ–୧୦୦ଗ୍ରାମ
- କ୍ୟାପ୍‌ସିକମ୍–୧୦୦ଗ୍ରାମ
- ପତ୍ରକୋବି–୧୦୦ଗ୍ରାମ
- ଗୋଲମରିଚ ଗୁଣ୍ଡ– ୧ଚାମଚ
- ଅଦା ପେଷ୍ଟ–ଦରକାର ଅନୁଯାୟୀ
- କନ୍‌ଫ୍ଲୋର– ଆବଶ୍ୟକ ଅନୁଯାୟୀ
- ଗ୍ରୀନଚିଲି– ଅଳ୍ପ ପରିମାଣ
- ଅଦା, ରସୁଣ, କଞ୍ଚାଲଙ୍କା –ଆବଶ୍ୟକ ଅନୁଯାୟୀ
- ରେଡ ଚିଲି ଶସ୍– ଅଳ୍ପ ପରିମାଣର
- ଲୁଣ –ସ୍ୱାଦ ଅନୁଯାୟୀ
- ଚାଇନା ସଲ୍‌ଟ– ୧ ଚାମଚ
- ପିଆଜ ପତ୍ର– ଅଳ୍ପ
- ଧନିଆ ପତ୍ର– ଅଳ୍ପ
- ଟମାଟ ଶସ୍–ଆବଶ୍ୟକ ଅନୁଯାୟୀ



ମୁଖ୍ୟ ସେଫ୍
ସମୀର ନାୟକ

ଚିକେନରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରତି ଏବେବି ଆଦର ବଢୁଛି । ଗ୍ରାହକଙ୍କ ଆଦର ଓ ରୁଚି ଅନୁଯାୟୀ ଏବେ ହୋଟେଲଗୁଡିକ ମଧ ଚିକେନରେ ବିଭିନ୍ନ ନୂଆ ନୂଆ ଡିସ୍ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ରେଷ୍ଟୁରାଣ୍ଟଗୁଡିକ ମଧରେ ଚିକେନରେ ବିଭିନ୍ନ ଡିସ୍ ପ୍ରସ୍ତୁତ କରିବାରେ ଏକ ଚାହିଦାଯୁକ୍ତ ରେଷ୍ଟୁରାଣ୍ଟ ହେଉଛି ବ୍ରହ୍ମପୁରର ପୁରୁଣା ବସ୍‌ଷ୍ଟାଣ୍ଡ ରୋଡରେ ଥିବା ସ୍ୱାଦିଷ୍ଟ ରେଷ୍ଟୁରାଣ୍ଟ । ଏହି ରେଷ୍ଟୁରାଣ୍ଟରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଛି । ସେଥିମଧରୁ ଏହି ରେଷ୍ଟୁରାଣ୍ଟର ଚିକେନରେ ପ୍ରସ୍ତୁତ ମଷ୍ଟାର୍ଡର ଖୁବ୍ ଚାହିଦା ରହିଛି । ଏହି ରେଷ୍ଟୁରାଣ୍ଟରେ ଉକ୍ତ ଡିସ୍‌ର ପ୍ଲେଟ ପିଛା ମୂଲ୍ୟ ୧୩୦ଟଙ୍କା ରହିଛି । ଏହାର ପ୍ରସ୍ତୁତି ସମ୍ପର୍କରେ ରେଷ୍ଟୁରାଣ୍ଟର କୁକ୍ ସମୀର ନାୟକ କହନ୍ତି.....

ରିପୋର୍ଟ: ଦୀପକ କୁମାର ପଣ୍ଡା

# ଚିକେନ ମଷ୍ଟାର୍ଡ

## ପ୍ରସ୍ତୁତି ପ୍ରଣାଳୀ



ପ୍ରଥମେ ଚିକେନକୁ କାଟି ଭଲଭାବରେ ଧୋଇ ଏକ ପାତ୍ରରେ ରଖିବେ । ୨୦୦ଗ୍ରାମ କଟା ଚିକେନ ସହ ଗୋଟିଏ କଞ୍ଚା ଅଣ୍ଡା, ଅଦା, ରସୁଣ ପେଷ୍ଟ, ଅଳ୍ପ ଲୁଣ, ଅଳ୍ପ ପରିମାଣର ଚାଇନା ସଲ୍ଟ, ଗୋଲମରିଚ ଗୁଣ୍ଡକୁ ଭଲ ଭାବରେ ମିଶାଇ ମିଶ୍ରଣ ପ୍ରସ୍ତୁତ କରିବେ। ମିଶ୍ରଣ ପ୍ରସ୍ତୁତ ପରେ ସେଥିରେ ମଇଦା କନଫ୍ଲୋର ଦେଇ ୧୦ ମିନିଟ ଛାଡିଦେବେ । ଏହାପରେ ଚୁଲିରେ ଏକ କଡେଇ ବସାଇ ଅଳ୍ପ ତେଲ ନେବେ । ତେଲ ଗରମ ହେବା ପରେ ସେଥିରେ ଲଙ୍କା, ରସୁଣ, ଅଦା ପକାଇ ଫ୍ରାଏ କରିବେ । କିଛି ସମୟ ଫ୍ରାଏ କରିବା ପରେ ପୂର୍ବରୁ କଟାଯାଇଥିବା ପିଆଜ, କ୍ୟାପ୍‌ସିକମ, ପତ୍ରକୋବି ପକାଇ ଭାଜିବେ । ଅଳ୍ପ ଭାଜିବା ପରେ ସେଥିରେ ଲୁଣ(ସ୍ୱାଦ ଅନୁସାରେ), ଏକ ଚାମଚ ଚାଇନା ସଲ୍‌ଟ, ଗୋଟିଏ ଚାମଚ ଟମାଟ ଶସ୍, ସୋରିଷବଟା ୩ ଚାମଚ ସହ ରେଡ ଚିଲି ପେଷ୍ଟ ପକାଇ ପୁଣି ଫ୍ରାଏ କରିବେ। ଏହାପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚିକେନ ମିଶ୍ରଣକୁ ଏଥିରେ ମିଶାଇ ଫ୍ରାଏ କରିବେ । ୨ ମିନିଟ୍ ଫ୍ରାଏ କରିବା ପରେ ସେଥିରେ ଧନିଆ ପତ୍ର, ପିଆଜ ପତ୍ର ପକାଇ ଏକ ପ୍ଲେଟକୁ ବାହାର କରି ପରଷିବେ ।

# ଟାଇଟଲ ହାସଲ ମୋ ପାଇଁ ଚ୍ୟାଲେଞ୍ଜ ଥିଲା



"ଫିଟ୍‌ନେସ ଉପରେ ଏବେ ସମସ୍ତେ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ଯୁବପିଢ଼ିଙ୍କ ଏଥିପାଇଁ ଆଗ୍ରହ ବଢ଼ିଛି। ଅତ୍ୟାଧୁନିକ ଜିମ୍, ବ୍ୟାୟାମ ଶାଳା, କ୍ଲବଗୁଡିକରେ ସେଥିପାଇଁ ଯୁବତୀ, ଯୁବକଙ୍କ ଭିଡ଼ ଜମୁଛି। ହେଲେ ନାନା ଘାତ ପ୍ରତିଘାତ ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ସମ୍ବଲପୁର ଜିଲା ହୀରାକୁଦର ଅମିତାଭ ପରିଡା ସମସ୍ତଙ୍କ ପାଇଁ ପ୍ରେରଣା। ୨୦୧୯ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସେ ମିଷ୍ଟର ଓଡ଼ିଶା ଟାଇଟଲ ହାସଲ କରିଛନ୍ତି । ଏଥର ମୋ ଅନୁଭୂତି ସ୍ତମ୍ଭରେ ତାଙ୍କ କଥା ...।"

## ମୋ ଅନୁଭୂତି



ହୀରାକୁଦରେ ଆମର ଏକ ସାଇକେଲ ମରାମତି ଦୋକାନ ଥିଲା । ସେହି ଦୋକାନରେ ମିସ୍ତ୍ରୀମାନଙ୍କ ସହ ମୁଁ ମଧ କାମ କରୁଥିଲି । ଆର୍ଥିକ ସ୍ଥିତି ଠିକ୍ ନ ଥିଲା । ବଡି ବିଲ୍‌ଡିଂ ପାଇଁ ମୋର ଉତ୍କଣ୍ଠା ଥିଲା । ହେଲେ ସେତେବେଳେ ତେଲଲୁଣ ସଂସାର ଚଳାଇବା କଷ୍ଟକର ଥିବାରୁ ସେହି ଆଶା ମଉଳି ଯାଇଥିଲା । ୨୦୦୭ ମସିହା କଥା । ପୁଣି ଥରେ ବଡି ବିଲ୍‌ଡିଂ ନିଶା ମୋ ମୁଣ୍ଡକୁ ଘାରିଥିଲା । ଧୀରେ ଧୀରେ ମୁଁ ସେଥିରେ ଧ୍ୟାନ ନିବେଶ କରିଥିଲି। ହେଲେ ବିଭିନ୍ନ କାରଣରୁ ବେଶିଦିନ ସେହି ରାସ୍ତାରେ ଚାଲି ପାରି ନ ଥିଲି । ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ମୋର ଅଭ୍ୟାସ କରିବା ଏକ ପ୍ରକାର ବନ୍ଦ ହୋଇଯାଇଥିଲା । କିଛିଦିନ ପରେ ଆର୍ଥିକ ସ୍ଥିତିରେ ସୁଧାର ଆସିଲା । ଏବେ କମ୍ପାନୀ ଓ ଅନ୍ୟ ଠିକା କାମଗୁଡିକ ହାତକୁ ନେଇଛି । ଜିମ୍‌ରେ ଅଧିକ ସମୟ ଅଭ୍ୟାସ ପାଇଁ ଦେଉଛି । ୨୦୧୪ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଚତୁର୍ଥ ସ୍ଥାନରେ ରହିଲି । ସେ ସମୟରେ ଅନ୍ୟମାନଙ୍କ ସମାଲୋଚନା ଶୁଣିବାକୁ ପଡିଲା । ଦୁଃଖ ଲାଗିଲା । ହେଲେ ସେ ସମାଲୋଚନାକୁ ମୁଁ ଚାଲେଞ୍ଜ ଭାବେ ଗ୍ରହଣ କଲି । ଟାଇଟଲ ବିଜେତା ହେବାକୁ ଦିନ ରାତି ପରିଶ୍ରମ କଲି । ୫ ବର୍ଷର ଶ୍ରମ ସାର୍ଥକ ହେଲା । ଚଳିତ ବର୍ଷ ଫେବୃୟାରୀରେ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଆୟୋଜିତ ପ୍ରତିଯୋଗିତାରେ ମିଷ୍ଟର ଓଡ଼ିଶା ଟାଇଟଲ ବିଜେତା ହେଲି । ଏଥିପାଇଁ ସମ୍ବଲପୁର ଫିଟନେସ ହବ୍‌ରେ ଟୋନି ପାଣିଗ୍ରାହୀଙ୍କ ପ୍ରେରଣା ମୋତେ ଆଗକୁ ବଢ଼ିବାର ସୁଯୋଗ ଦେଇଥିଲା । ରାଜ୍ୟସ୍ତରୀୟ ପ୍ରତିଯୋଗିତା ପୂର୍ବରୁ ୩ ମାସ ଭୁବନେଶ୍ୱରର ଦୀପକ କୁମାରଙ୍କଠାରୁ ସ୍ୱତନ୍ତ୍ର ତାଲିମ ନେଇଥିଲି। ଆଗକୁ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମୁଁ ମୋର ପରିଶ୍ରମ ଜାରି ରଖିଛି । ଏଥିପାଇଁ ସକାଳେ, ସନ୍ଧ୍ୟାରେ ୨ ଘଣ୍ଟା ଲେଖାଏ ଅଭ୍ୟାସ ଜାରି ରଖିଛି । ଚିକେନ,ଅଣ୍ଡା, ସିଝା ପନିପରିବା ସୁପ୍, ଡାଲି ଜାତୀୟ ଖାଦ୍ୟ ଖାଇବା ସହିତ ପ୍ରଚୁର ପରିମାଣ ପାଣି ପିଉଛି। ସକାଳେ ବ୍ରେକଫାଷ୍ଟରେ ପ୍ରାୟ ୧୦ରୁ୧୨ ଶିଝା ଅଣ୍ଡାର ଧଳା ଅଂଶ, ଗ୍ରୀନ ସାଲାଡ, ପ୍ରୋଟିନ, ବିନା ତେଲ ମସଲା ତିଆରି ଖାଦ୍ୟ ଖାଉଛି । ମଧ୍ୟାହ୍ନ ଭୋଜନରେ ଭାତ, ଡାଲି ଓ ୩ ଶହ ଗ୍ରାମ ଚିକେନ ଫ୍ରାଏ ଖାଉଛି । ସନ୍ଧ୍ୟାରେ ଜିମ୍ ଯିବା ପୂର୍ବରୁ ପ୍ରୋଟିନ ଓ ରାତିରେ ପୁଣି ଚିକେନ ତରକାରି,ରୁଟି ସାଲାଡ ଖାଉଛି

ରିପୋର୍ଟ–ଶୁଭାଶୀଷ ପାଢ଼ୀ ।

# ଆଦିବାସୀଙ୍କ 'ଗଦନି'ରୁ ଟାଟୁ ଫ୍ୟାଶନ

## ଲାଇଫ୍ ଷ୍ଟାଇଲ



ଆଦିବାସୀଙ୍କ ଜୀବନଶୈଳୀ ଅନ୍ୟମାନଙ୍କଠାରୁ ନିଆରା। 'ଗଦନି' ସେମାନଙ୍କ ଭିନ୍ନ ପରିଚୟ। କଳାହାଣ୍ଡି ଜିଲାର ବଣପାହାଡଘେରା ପ୍ରାକୃତିକ ପରିବେଶରେ ଜୀବନ କାଟୁଥିବା ଆଦିବାସୀ ଯୁବତୀ ଓ ମହିଳାମାନେ ସୌନ୍ଦର୍ଯ୍ୟର ଅଧିକାରିଣୀ। ସେହି ଯୁବତୀ ଓ ମହିଳାଙ୍କ ଉପରେ ବିଭିନ୍ନ ଲୋକଙ୍କ ଲୋଲୁପ ଦୃଷ୍ଟି ପଡୁଥିଲା। ଏଥିପାଇଁ ନାନା ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଥିଲା। ଏଣୁ ସୌନ୍ଦର୍ଯ୍ୟ ଲୁଚାଇବାକୁ କୁଆଡେ ଆଦିବାସୀ ଯୁବତୀ, ମହିଳାମାନେ ମୁଁହରେ 'ଗଦନି' କରୁଥିଲେ। ଆଦିବାସୀ ଜାତିର ବଣ୍ଡା ସମାଜରେ ଏହି 'ଗଦନି' ପ୍ରଥା ପ୍ରଚଳିତ ହୋଇ ଆସୁଥିଲା। ଆଦିମ ଆଦିବାସୀମାନଙ୍କ ଦେହରେ ଅଙ୍କା ହୋଇଥିବା 'ଗଦନି' ଓ ଆଧୁନିକ ଟାଟୁ ମଧରେ କିଛିଟା ତାରତମ୍ୟ ରହିଛି। ବଣ୍ଡା ସମାଜରେ 'ଗଦନି' ଏକ ତତଲା ଲୁହା ଚେଙ୍କ ଦ୍ୱାରା ଅଙ୍କା ଯାଉଥିଲା। ହେଲେ ଏହି ପରମ୍ପରା ଗୁରୁତର ରୋଗ ସୃଷ୍ଟି କରୁଥିଲା। ଲୁହାକୁ ଗରମ କରି 'ଗଦନି' କରାଯାଉଥିବାରୁ ତାହା ଦେହରେ ଘା ସୃଷ୍ଟି କରିବା ସହ



ସେପ୍ଟିସେମିଆ ରୋଗର ବାହାକ ସାଜିଥିଲା । ଏଥିପାଇଁ ଅଧିକାଂଶ ସମୟରେ ବହୁ ଆଦିବାସୀ ମହିଳାଙ୍କ ମୃତ୍ୟୁ ମଧ ଘଟୁଥିଲା। ଫଳରେ ଧୀରେ ଧୀରେ ଏହି ପରମ୍ପରା ଆଦିବାସୀ ସମାଜରୁ ଲୁପ୍ତ ହେବାରେ ଲାଗିଲା। ଏହାପରେ ଡିବିରି ବତିର କଳା ଓ ଜଡାତେଲକୁ ମିଶ୍ରିତ କରି ୩ ଟି ଛୁଞ୍ଚ ଫୋଡିଫୋଡି ଗଦନି କରିବା ଆରମ୍ଭ ହୋଇଥିଲା । ଆଉ କେହି କେହି କଦଳୀ ଲସାକୁ ମଧ ବ୍ୟବହାର କରି ଗଦନି କରୁଥିଲେ। କିନ୍ତୁ ଏବେ ମେଶିନ୍ ଓ ରାସାୟନିକ ପଦାର୍ଥକୁ ବ୍ୟବହାର କରି ଟାଟୁ ଅଙ୍କାଯାଉଛି। ଆଦିବାସୀମାନଙ୍କ କଳା ଆଧୁନିକ ଯୁଗର ଯୁବପିଢ଼ିଙ୍କ ମଧରେ ଏବେ ଫ୍ୟାଶନରେ ପରିଣତ ହୋଇପାରିଛି। ଏ ନେଇ ଆଦିବାସୀ ନେତା ପରମାନନ୍ଦ ମାଝି କୁହନ୍ତି, ଏହି ପରମ୍ପରା ଏବେ ଲୋପ ପାଇବାକୁ ବସିଛି। ଆଉ ଗଦନି ଖୋଦେଇ କରିବା ଲୋକ ନାହାନ୍ତି। ଆଦିବାସୀ ଯୁବତୀ ଓ ମହିଳାଙ୍କ ମଧରେ ଏଥିପାଇଁ ଆଉ ଆଗ୍ରହ ନାହିଁ। ଭବାନୀପାଟଣାର ଟାଟୁ ମାଷ୍ଟର ମଣ୍ଟୁ ଶବର କୁହନ୍ତି, ଯୁବପିଢ଼ିଙ୍କ ମଧରେ ଟାଟୁ ପ୍ରତି ଖୁବ ଆଗ୍ରହ ବଢ଼ିଛି। ଗୋଟିଏ ଟାଟୁ ପାଇଁ ୧୦୦ରୁ ୩୦୦ ମିଳୁଛି। ଯୁବକମାନେ ଟଙ୍କାକୁ ଗୁରୁତ୍ୱ ଦେଉନାହାନ୍ତି। ଡିଜାଇନକୁ ଗୁରୁତ୍ୱ ଦେଇ ନିଜ ପସନ୍ଦର ଟାଟୁ ଶରୀରର ବିଭିନ୍ନ ସ୍ଥାନରେ କରୁଛନ୍ତି।



ରିପୋର୍ଟ–ସଞ୍ଜୀବ ଯୋଶୀ

# ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



@ ଜଗବନ୍ଧୁ



@ ସୁନ୍ଦ୍ରା



@ ଅଭିଷେକ



@ ଦୀପକ



@ ସୁବ୍ରତ



@ ଗଙ୍ଗାଧର



@ ଦୁର୍ବାଦଳ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ। - ଆଇନଷ୍ଟାଇନ

## ସଂକ୍ଷେପରେ

### ବୋଲେରୋ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ତଳଗାଁ,୨୯।୫(ଡି.ଏନ.ଏ)

ବୌଦ୍ଧ ଓ ନୟାଗଡ ଜିଲା ସୀମାନ୍ତ ବାଣିଗୋଛା କେନ୍ଦୁପତ୍ର ଫଡି ନିକଟରେ ଜଣେ ବୋଲେରେ ଗାଡି ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଜଗନ୍ନାଥ ପ୍ରଧାନ ଓ ତାଙ୍କ ଘର ବୌଦ୍ଧ ଜିଲା କୁଶଙ୍ଗ ପଞ୍ଚାୟତର କୁମାରୀ ଗ୍ରାମରେ।

ସୂଚନା ମୁତାବକ, ମଙ୍ଗଳବାର ଜଗନ୍ନାଥ ହରଭଙ୍ଗା ବ୍ଲକ କୁଶଙ୍ଗଠାରୁ କନ୍ଧମାଳ ଜିଲା ଚକାପାଦ ଅଞ୍ଚଳକୁ ବରଯାତ୍ରୀ ନେଇ ଯାଉଥିଲେ । ରାତି ୨ଟାରେ ବାଣିଗୋଛା କେନ୍ଦୁପତ୍ର ଫଡି ନିକଟରେ ଗାଡିଟି ରହିଥିଲା । ବୁଧବାର ଅପରାହ୍ନ ୧ଟା ବେଳେ ଗାଡି ଭିତରେ ମୋବାଇଲ ବାଜିବା ପରେ ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବାଣିଗୋଛା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିଚାଳକ ଜଗନ୍ନାଥ ଗାଡି ଭିତରେ ମରିଯାଇଥିବା ଦେଖିବାକୁ ପାଇଥିଲା । ପରେ ମୋବାଇଲ ଫୋନରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ । ବାଣିଗୋଛା ପୋଲିସ ଶବ ଜବତ କରିବା ସହ ପୋଷ୍ଟମର୍ଟମ ପାଇଁ ଦଶପଲ୍ଲା ମେଡିକାଲକୁ ପଠାଇଥିଲା । ଅନ୍ୟପକ୍ଷେ ଜଗନ୍ନାଥଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୋଷ୍ଟ ମର୍ଟମ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ପକ୍ଷରୁ କୁହାଯାଇଛି ।

### ବିଦ୍ୟୁତ୍ ଉପଭୋକ୍ତା ତାତିରେ ହନ୍ତସନ୍ତ

ଅତାବିରା, ୨୯।୫ (ଡି.ଏନ.ଏ)

ଅତାବିରା ବ୍ଲକ ଲରମ୍ଭା ବିଦ୍ୟୁତ ସେକ୍ସନ ଅଧୀନ ଅଏଁଲାପାଲି ଗ୍ରାମର ଉପଭୋକ୍ତାମାନେ ବିଦ୍ୟୁତର ଲୁଚକାଳି ଖେଳ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମରେ ଟ୍ରାନ୍ସଫର୍ମର ବସିବା ଦିନଠାରୁ ବିଦ୍ୟୁତ୍ ସମସ୍ୟା ଲାଗି ରହିଛି । ସାମାନ୍ୟ ପବନ ବହିଲେ ଫ୍ୟୁଜ ଉଡି ଯାଇଥାଏ । ଏ ନେଇ ସ୍ଥାନୀୟ ବିଦ୍ୟୁତ କର୍ମଚାରୀଙ୍କଠାରେ ଅଭିଯୋଗ କରାଯାଉଥିଲେ ମଧ ସମସ୍ୟା ସମାଧାନ ନ ହେବାରୁ ବୁଧବାର ଅଏଁଲାପାଲି ଗ୍ରାମର ୧୫ଜଣ ଯୁବକ ଲରମ୍ଭା ସେକ୍ସନକୁ ଯାଇଥିଲେ । ସେକ୍ସନରେ ତାଲା ଝୁଲୁଥିବାରୁ ସେମାନେ ଅଭିଯୋଗ କରି ନ ପାରି ପୁଣି ତାତିରେ ଘରକୁ ଫେରିଥିଲେ । ଫ୍ୟୁଜ କଟିଲେ ପରିବାର ପିଛା ୩୦ରୁ ୫୦ ଟଙ୍କା ଅସୁଲ କରି ବିଦ୍ୟୁତ୍ କର୍ମଚାରୀଙ୍କୁ ହାତଗୁଞ୍ଜା ଦେବା ପରେ ଫ୍ୟୁଜ ବନ୍ଧା ଯାଇଥାଏ ବୋଲି ଯୁବକମାନେ ଅଭିଯୋଗ କରିଥିଲେ। ସପ୍ତାହକୁ ୨ରୁ ୩ଥର ଫ୍ୟୁଜ ଯାଇଥାଏ । ଏପରି ପରିବାର ପିଛା ଅସୁଲି କରି କର୍ମଚାରୀଙ୍କୁ ଦେଇଥାଉଁ ବୋଲି ରାଜେନ୍ଦ୍ର ମହାକୁର, ରାଜେଶ ଭୋଇ, ବିକାଶ ବାଗ, ପ୍ରଶାନ୍ତ ଭୋଇ, ସୁଶାନ୍ତ ଭୋଇ କହିଥିଲେ । ଏ ସମ୍ପର୍କରେ ଲରମ୍ଭା ସେକ୍ସନାଲ ଅଫିସର ରାକେଶ ସାହୁଙ୍କୁ ପଚରାଯିବାରୁ ଏପରି ଅଭିଯୋଗ ମୋ ପାଖକୁ ଆସିନାହିଁ । ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ସହରରେ ଆମ୍ବ ବଜାର, ଗରାଖଙ୍କ ଭିଡ଼

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୯।୫

ଖରାଦିନେ ପାଚିଲା ଆମ୍ବ ଖାଇବାର ଯେଉଁଭଳି ମଜା ରହିଛି, ତାର ସ୍ୱାଦ ବି ନିଆରା। ଗାଁଠାରୁ ସହରରେ ଆମ୍ବର ଚାହିଦା ବେଶୀ। ବଜାର ଅଭାବରୁ ଚାଷୀ ମଧ୍ୟ ତାକୁ ସଠିକ୍ ଦରରେ ବିକ୍ରି କରି ପାରି ନ ଥାଏ। ଗାଁ ଗହଳିରେ ଗଛରୁ ଆମ୍ବ ଝଡ଼ି ନଷ୍ଟ ହୋଇଥାଏ। ଅନ୍ୟପଟେ ଖରାଦିନେ ସହରବାସୀଙ୍କୁ ଆମ୍ବ ଖୋଜିବାକୁ ପଡ଼େ । ଏପରିକି ବେଳେବେଳେ ସହରରେ ଆମ୍ବ ଉପଲବ୍ଧ ହୋଇ ନ ଥାଏ । ଏହାକୁ ଦୃଷ୍ଟିରେ ରଖି ବରଗଡ଼ ଜିଲା ପ୍ରଶାସନ ସହାୟତାରେ ବୁଧବାର ଓରମାସ, ଉଦ୍ୟାନ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ପକ୍ଷରୁ ବରଗଡ଼ ସହରରେ ଖୋଲା ଯାଇଛି ଆମ୍ବ ବଜାର । ସହରର ବ୍ଲକ ଅଫିସ ସମ୍ମୁଖ ମୁଖ୍ୟରାସ୍ତା କଡରେ ଖୋଲିଥିବା ଏହି ଆମ୍ବ ବଜାରକୁ ଉଦଘାଟନ କରିଥିଲେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ। ଅତିରିକ୍ତ ଜିଲାପାଳ ତପିରାମ ମାଝି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଓରମାସର ରାଜଗୋପାଳ ଦାଶ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୌଲତ ଚନ୍ଦ୍ରକାର ପ୍ରମୁଖ ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଆମ୍ବ ବଜାରରେ ଆଖପାଖ ଅଞ୍ଚଳର ଚାଷୀଙ୍କ ଆମ୍ରପାଲୀ, ଦଶେରୀ, ମଲ୍ଲିକା, ଲେଙ୍ଗଡ଼ା, ହେମସାଗର, ବାଇଗଣପଲ୍ଲୀ, ଗୁଲାବ ଖାସ୍, ସୁନ୍ଦରୀ, ତୋତାପୁରୀ ଆଦି କିସମର ଆମ୍ବ ରହିଛି । ଜୁନ ୧୫ତାରିଖ ପର୍ଯ୍ୟନ୍ତ ଏହି ଆମ୍ବ ବଜାର ଚାଲିବ।



ଆମ୍ବ ବଜାରରେ ଲୋକମାନେ ଆମ୍ବ ଦେଖୁଛନ୍ତି ।

## ସେମାନେ ଯାହା କୁହନ୍ତି...



“ ବାଦପାଲି ଗ୍ରାମରୁ ଆସିଛି । ଆଜି ପ୍ରାୟ ୫୦କିଗ୍ରା ଆମ୍ବ ଏଠାକୁ ଆଣିଛି । ବିକ୍ରି ପାଇଁ ଭଲ ବ୍ୟବସ୍ଥା ହୋଇଛି ଏବଂ ଏଠାରେ ଆମ୍ବ ଭଲ ବିକ୍ରି ହେବ ବୋଲି ମଧ୍ୟ ଆଶା ରହିଛି । **-ସରୋଜ ଖମାରୀ, ଚାଷୀ**



“ ବନବାସପାଲିରେ ମୋର ଘର । ୨୦ରୁ ଉର୍ଦ୍ଧ୍ୱ ଆମ୍ବ ଗଛ ଅଛି । ଭଲ ଆମ୍ବ ବି ଫଳିଛି । ଗାଁରେ ତ ବିକ୍ରି ହେଉନାହିଁ । ଏଠାରେ ବିକ୍ରି ହେବ ଏହି ଆଶା ରହିଛି। **-ମୁରଲିଧର ସାହୁ**, ଚାଷୀ



“ ଯାହାହେଉ ପ୍ରଥମଥର ପାଇଁ ବରଗଡ଼ ସହରରେ ଆମ୍ବ ବଜାର ହେଲା । ଗାଁ ଗହଳିରେ ଆମ୍ବର ଚାହିଦା ନାହିଁ । ଗଛରୁ ଝଡ଼ି ନଷ୍ଟ ହେଉଛି । ବିକ୍ରି ପାଇଁ ଭାଇ ସହିତ ଏଠାକୁ ଆସିଛି । **-ପାରାୟଣ ଖମାରୀ**, ଚାଷୀ



“ ସହରରେ ଆମ୍ବ ବଜାର ନ ଥିଲା । ଏଥର ପ୍ରଥମ ଥର ପାଇଁ ଖୋଲାଯାଇଛି । ନିଶ୍ଚିତ ଭାବେ ଏହା ଭଲ କଥା । ବିଭିନ୍ନ କିସମର ଆମ୍ବ ଏଠାରେ ମିଳୁଛି । ଖାଇଲେ ସ୍ୱାଦ ଜଣାପଡ଼ିବ । **-ଅଚ୍ୟୁତ ମହାପାତ୍ର**, ଗରାଖ



“ ଗ୍ରାମାଞ୍ଚଳର ଚାଷୀମାନେ ଆମ୍ବର ଉଚିତ ପ୍ରାପ୍ୟ ପାଇ ପାରୁ ନ ଥିଲେ । ସହରାଞ୍ଚଳର ଲୋକେ ଯେଉଁଭଳି ଭଲ ଗୁଣଯୁକ୍ତ ତଥା ବିନା କାରବାଇଡ୍‌ର ଆମ୍ବ ପାଇ ପାରିବେ, ତାକୁ ଦୃଷ୍ଟିରେ ରଖି ଆମ୍ବ ବଜାର ଖୋଲା ଯାଇଛି । **-ରାଜଗୋପାଳ ଦାଶ**, ମୁଖ୍ୟ ନିର୍ବାହୀ, ଓରମାସ୍

## ଆଗକୁ ଶୀତଳଷଷ୍ଠୀ ରାସ୍ତାରେ ପଡ଼ିଛି ଘର ନିର୍ମାଣ ସାମଗ୍ରୀ

ବରପାଲି, ୨୯।୫ (ଡି.ଏନ.ଏ)

ବରପାଲି ସହର ରାସ୍ତା ଉପରେ ସ୍ଥାନେ ସ୍ଥାନେ ଅନେକ ଘର ନିର୍ମାଣ ସାମଗ୍ରୀ ବାଲି, ଗେଟି, ଇଟା ଆଦି ପଡି ରହିଛି । ଫଳରେ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଛୋଟ ପିଲାମାନେ ସାଇକେଲରୁ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଆଗକୁ ଶୀତଳଷଷ୍ଠୀ ଯାତ୍ରା ଆସୁଛି। ସହରର ରାସ୍ତାଘାଟ ଖାଲଖମା ହୋଇପଡିଛି। ରାସ୍ତା ଉପରେ ଆବର୍ଜନା ଗଦା ହୋଇବାରୁ ସହରବାସୀଙ୍କ ଚଳପ୍ରଳରେ ବାଧା ଉପୁଜୁଛି । କୁଲିପଡା ଛକ ରାସ୍ତା ଓ ଗୁଡିଆପଡା ରାସ୍ତା ଉପରେ ଗୋବର ଖତ ଜମା କରିବା ନୀତିଦିନିଆ ଘଟଣା ହୋଇଛି । ଏ ନେଇ ଅଭିଯୋଗ ହେଉଥିଲେ ମଧ କିଛି ସୁଫଳ ମିଳୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଜିଆର୍‌ପି ଥାନା ପାଇଁ ସ୍ମାରକପତ୍ର

ବରଗଡ଼ ଅଫିସ୍,୨୯।୫

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ବରଗଡ଼ ଏସପି ମୁକେଶ କୁମାର ଭାମୁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ଜିଆରପି ଥାନା ସ୍ଥାପନର ଆବଶ୍ୟକତା ନେଇ ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ବରଗଡ଼ ରୋଡ ଷ୍ଟେଶନ ଦେଇ ଅଧିକାଂଶ ଦୃତଗାମୀ ଟ୍ରେନ ଯାଇଥାଏ । ଫଳରେ ମହିଳା ଓ ପରିବାର ସହିତ ତଥା ମୂଲ୍ୟବାନ ସାମଗ୍ରୀ ନେଇ ଯାତ୍ରା କରୁଥିବା ଯାତ୍ରୀମାନେ ଭୟ ଓ ଆଶଙ୍କା ମଧ୍ୟରେ ରହିଆନ୍ତି। ପୁନଶ୍ଚ କୌଣସି ଚୋରି ଓ ଅନ୍ୟ ସମସ୍ୟା ପାଇଁ ସମ୍ବଲପୁର କିମ୍ବା ବଲାଙ୍ଗୀର ଜିଆରପିରେ ଅଭିଯୋଗ କରିବାକୁ କୁହାଯାଇଥାଏ। ବରଗଡ଼ ରୋଡ଼ ଷ୍ଟେଶନ ଜିଲା ସଦର ମହକୁମାରେ ରହିବା ସହିତ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବାରୁ ଏଠାରେ ଜିଆରପି ଥାନା ଖୋଲିବା ଦିଗରେ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ସଂଘ ସଭାପତି ପ୍ରଦୀପ ଦେବତା, ଉପସଭାପତି ପ୍ରୀତମ ସିଂ, ସମ୍ପାଦକ କମଳ ଯୋଷୀ, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।


ରେଳ ଉପଭୋକ୍ତା ସଂଘର ପ୍ରତିନିଧିମାନେ ବରଗଡ଼ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ପୋଷ୍ଟାଲ ଭୋଟରେ ଭାଜପା ଆଗୁଆ

ଭବାନୀପାଟଣା,୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଲୋକ ସଭା ନିର୍ବାଚନରେ ପୋଷ୍ଟାଲରେ ୫୩୮୬ରୁ ୩୩୬୪ ଖଣ୍ଡ ଭୋଟ ଭାଜପାକୁ ମିଳିଛି। ଭାଜପା ୩୫.୨୬% ଭୋଟ ପାଇଥିବା ବେଳେ ବିଜେଡି ୩୩.୦୮% ଓ କଂଗ୍ରେସ ୨୫.୯୯% ଭୋଟ ପାଇଛି । ଅନ୍ୟପକ୍ଷରେ ଲୋକ ସଭାରେ କେବଳ ନୋଟାରେ ୨୧୯୯ ଖଣ୍ଡ ଭୋଟ ପଡିଛି । ଧର୍ମଗଡ ନିର୍ବାଚନମଣ୍ଡଳୀରେ ବିଜେଡି ୬୭୮୮୪, ଭାଜପା ୭୦୯୯୪ ଓ କଂଗ୍ରେସ ୪୫୩୭୧ ଖଣ୍ଡ ଭୋଟ ପାଇଛି । ନୂଆପଡା ଜିଲା ଖରିଆର ନିର୍ବାଚନମଣ୍ଡଳୀରେ ବିଜେଡି ୪୩୩୩୪, ଭାଜପା ୭୫୮୦୪ ଓ କଂଗ୍ରେସ ୪୨୩୯୬ ଖଣ୍ଡ ଭୋଟ ପାଇଛି । ନୂଆପଡା ନିର୍ବାଚନମଣ୍ଡଳୀରେ ବିଜେଡି ୫୮୧୦୫, ଭାଜପା ୮୪୨୭୫ ଓ କଂଗ୍ରେସ ୪୩୭୪୬ ଖଣ୍ଡ ଭୋଟ ପାଇଛି । ବିଜେଡି କେବଳ ଲାଞ୍ଜିଗଡ ଓ ଜୁନାଗଡରେ ଆଗୁଆ ଥିବା ବେଳେ ଅନ୍ୟ ୫ଟି ନିର୍ବାଚନମଣ୍ଡଳୀରେ ଭାଜପା ଅଧିକ ଭୋଟ ପାଇଛି । ବିଜେଡି ଲେକ ସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ନିଜ ନିର୍ବାଚନମଣ୍ଡଳୀ ଧର୍ମଗଡ ହୋଇଥିବା ବେଳେ ସେଠାରେ ଭାଜପା ପ୍ରାର୍ଥୀ ତାଙ୍କଠାରୁ ୩୧୧୦ ଖଣ୍ଡ ଭୋଟ ପାଇଛି । ଜୁନାଗଡ ନିର୍ବାଚନମଣ୍ଡଳୀରେ ବିଜେଡିକୁ ମାତ୍ର ୯୭ଟି ଅଧିକ ଭୋଟ ମିଳିଛି । କେବଳ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀରେ ବିଜେଡି ୨୭୫୮୨ ଖଣ୍ଡ ଭୋଟ ପାଇଛି । ମୋଦି ଲହର ଯୋଗୁ ଲୋକଙ୍କ ପାଖରେ ନ ପହଞ୍ଚି ମଧ୍ୟ ବସନ୍ତ ଜିତିବା ନେଇ ସାଧାରଣରେ ଆଲୋଡନ ସୃଷ୍ଟି କରିଛି ।

## ଆରମ୍ଭ୍ ହେଲା ଦୋଷୀକଟାର ପୁନରୁଧାର କାମ

ବିଜେପୁର, ୨୯।୫ (ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକ ଲାଉମୁଣ୍ଡା ପଁଚେତ୍ ସଦରରେ ଥିବାର ଦୋଷୀ କଟାର ପୁନରୁଧାର କାମ୍ ଆରମ୍ ହେଇଛେ। ଇଥିରେ ଥାନୀୟ ସରପଁଚ୍ ସୁବର୍ଣ୍ଣ ମେହେର ନଡ଼ିଆ ଭାଂଗଲା ଉତାରୁ କାମ୍ ଆରମ୍ କରାଯାଇଥିଲା। କାମ୍ ଜାଗାରେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପାଣ୍ଡବ ନନ୍ଦ, କିଶୋର ମେହେରକଁର ସମେତ ଗ୍ରାମ ରୋଜଗାର ସେବକ ଆର ସାମାଜିକ କରମୀମାନେ ଠୋଲ୍ ହେଇଥିଲେ। ଇ କଟାର ପୁନରୁଧାର ଲାଗି ୧୦ ଲାଖ୍ ଟଁକାର ଖରଚ୍ ଅଟକଲ କରାଯାଇଥିଲା। ପହେଲା ଖେପି ରାଜ୍ୟ ଚତୁର୍ଥ ଅର୍ଥ କମିଶନ ତରଫୁ ୪ ଲାଖ୍ ଟଁକା ମଂଜୁର ହେଇଛେ। ସୂଚନା ହିସାବେ ବହୁତ୍ ଦିନ୍ ହେଲା ଲାଉମୁଣ୍ଡା ଦୋଷୀ କଟାର ପୁନରୁଧାର କାମ୍ ନାଇଁ ହେଉଥାଇ। ଯେନ୍‌ଥିରଲାଗି କଟାର ପାଏନ୍ ବି ବେଭାର କଲା ଅବସ୍ତାରେ ନାଇଁଥାଇ। ଇ ବାବଦେ ଚଳତି ମାସ ୨୦ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ପ୍ରଦୂଷିତ ହେଉଛି ଦୋଷୀ କଟା, ନାଲିଫିତା ତଳେ ପୁନଃରୁଦ୍ଧାର କାମ’ ଶୀରଷକ୍‌ରେ ଖବର ବାହାରିଥିଲା। ଯେନ୍‌ଥିରଲାଗି ଥାନୀୟ ପରଶାସନ ଇତାକେ ଗୁରୁତ୍ ଦେଇ ନିରବାଚନ ଆଚରନବିଧି ଉଠ୍‌ଲା ଉତାରୁ କଟାର ପୁନରୁଧାର କାମ୍ ଆରମ୍ କରିଛେ।



ଲାଉମୁଣ୍ଡାରେ ଦୋଷୀ କଟାର ପୁନରୁଧାର କାମ ଚାଲିଛେ ।

## ମିନଗୁର ଧାନମଣ୍ଡି ଉଦ୍‌ଘାଟିତ

ମଣ୍ଡଳ,୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ମଣ୍ଡଳ କୃଷି ସେବା ସମବାୟ ସମିତି ସମ୍ପାଦକ ନବୀନ କୁମାର ନାଗଙ୍କ ଦ୍ୱାରା ବୁଧବାର ମିନଗୁର ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ମଣ୍ଡିରେ ୧୧ଜଣ ଚାଷୀଙ୍କୁ ୧୦୩୨ କୁଇଣ୍ଟାଲ ଧାନର ଟୋକନ ପ୍ରଦାନ କରାଯାଇଥିଲା । ତହିଁ ମଧ୍ୟରୁ ୩ଟି ମିଲ ବିକେ ଫୁଡ, ନିଗାନିଆଁ ଏବଂ ବିଜୟଲକ୍ଷ୍ମୀ ଚାଷୀ ଚାଷୀଙ୍କଠାରୁ ପ୍ରାୟ ୫୫୦ରୁ ୬୦୦ କୁଇଣ୍ଟାଲ ଧାନ କ୍ରୟ କରିଥିବା ଜଣାପଡିଛି । ଉଦଘାଟନୀ ଅବସରରେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଗଙ୍ଗାରାମ ରାଉତ ଏବଂ ସୁଶାନ୍ତ ବିହାରୀ ଏବଂ ମଣ୍ଡଳ ପ୍ୟାକ୍ସର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ମିନଗୁର ମଣ୍ଡିରେ ୧୧ଟି ମିଲର ଏଜେଣ୍ଟ ଏବଂ ଚାଷୀମାନେ ଉପସ୍ଥତ ଥିବାବେଳେ ପ୍ରଥମ ଦିନରେ ସୁରୁଖୁରୁରେ ମିନଗୁରୁ ମଣ୍ଡି ଶୁଭାରମ୍ଭ ହୋଇଯାଇଛି ।

## ଭିଡିଓ ଭାଇରାଲ ଘଟଣାରେ ୭ ଗିରଫ

ବରଗଡ଼ ଅଫିସ୍,୨୯।୫

ବରଗଡ଼ ସହରରେ ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତଳିପଡ଼ାର ନିର୍ମଳ ଅଗ୍ରୱାଲ(୨୩), ନାଏକପଡ଼ାର ଅଭିଷେକ ଅଗ୍ରୱାଲ(୨୯), ହସପିଟାଲ ରୋଡ୍‌ର ହର୍ଷ କଂସଲ(୨୫), ଖଜୁରିଟିକ୍ରାର ବିକି ଓରଫ ବିକାଶ ଅଗ୍ରୱାଲ(୪୦), ଆଶା କିରଣ ନିକଟ ମାତୃବିହାରର ରାକେଶ ସାୱାଡ଼ିଆ(୩୧), ନଦୀପଡ଼ାର ସୁନିଲ ଅଗ୍ରୱାଲ(୩୩) ଏବଂ ଭଟଲି ରୋଡ୍ ଲାଠ ଭବନ ନିକଟ ବାସିନ୍ଦା କାଳିଆ ଓରଫ ବିକାଶ ଅଗ୍ରୱାଲ(୩୩) । ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି ବୋଲି ଟାଉନ ଥାନା ଆଇଆଇସି ମାନସ ପ୍ରଧାନ କହିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଦଫା ୬୬(ଇ), ୬୭ ଆଇଟି ଆକ୍ଟ ୨୯୨, ୫୦୯ ଆଇପିସିରେ ଏକ ମାମଲା (ନଂ.୨୫୭/୧୯) ରୁଜୁ ହୋଇଛି ।


ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟଚାଲାଣ କରୁଛି ।

■ ବଜ୍ରପାତରେ ମହିଳାଙ୍କ ମୃତ୍ୟୁ ଘଟଣା

## ପରିବାରବର୍ଗଙ୍କୁ ଭେଟିଲେ ଉପଜିଲାପାଳ

ବିଜେପୁର,୨୯।୫ (ଡି.ଏନ.ଏ)

ବିଜେପୁର ବ୍ଲକ କଟାପାଲି ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାର ବୁଧବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୁଆନ ଉକ୍ତ ଗ୍ରାମକୁ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ପରେ ସେ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ସହି ଏହି ବିଷୟରେ ଆଲୋଚନା କରିଥିଲେ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରଙ୍କ ନିର୍ଦ୍ଧାରିତ ସହାୟତା ପ୍ରଦାନ କରାଯିବ ବୋଲି ପରିବାରବର୍ଗଙ୍କୁ ଉପଜିଲାପାଳ ଦରୁଆନ ଆଶ୍ୱାସନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଇଏସଓ ଶମ୍ଭୁ ପ୍ରସାଦ ହରିପାଲ, ଅତିରିକ୍ତ ତହସିଲଦାର ନାରାୟଣ ସାହୁଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ମଙ୍ଗଳବାର ଉକ୍ତ ଗ୍ରାମର ମହିଳା ସବ୍ୟା ସାହୁ ବିଲରେ କଟା ହୋଇଥିବା ଧାନକୁ ମୁଣ୍ଡାଇ ଖଳାକୁ ଆଣୁଥିଲେ । ଏହି ସମୟରେ କାଳବୈଶାଖି ଯୋଗୁ ବଜ୍ରପାତ ହୋଇଥିଲା । ଫଳରେ ସେ ଘଟଣାସ୍ଥଳରେ ଟଳି ପଡିଥିଲେ । ପରିବାରବର୍ଗ ତାଙ୍କୁ ଉଦ୍ଧାର କରି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ ।


ଉପଜିଲାପାଳ ବଜ୍ରପାତରେ ମୃତକଙ୍କ ପରିବାର ବର୍ଗ ସହିତ ଆଲୋଚନା କରୁଛନ୍ତି ।

■ ବୌଦ୍ଧ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଲାନି

## ନେତା, କର୍ମୀଙ୍କ ମଧରେ ନୈରାଶ୍ୟ

ବୌଦ୍ଧ,୨୯।୫(ସ୍ୱ.ପ୍ର)

ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତଙ୍କୁ ଏଥର ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ନ ମିଳିବାରୁ ବୌଦ୍ଧରେ ତାଙ୍କ ସମର୍ଥକ ଓ କର୍ମୀମାନଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହୋଇଛି । ବିଧାୟକ ଅମାତ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲଙ୍କୁ ପରାଜିତ କରି ସ୍ୱାଧୀନ ବିଧାୟକ ଭାବେ ଜିତି ନିଜର ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ । ପରେ ସେ ବିଜେଡିରେ ସାମିଲ ହୋଇ ଲଗାତାର ୫ମ ଥର ଏହି ଆସନରୁ ବିଜୟୀ ହୋଇ ବୌଦ୍ଧର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ଉଭା ହୋଇଛନ୍ତି । ଦୁଇଥର ବାଚସ୍ପତି ଭଳି ସାମ୍ବିଧାନିକ ପଦବୀରେ ଥାଇ ନିର୍ବାଚନ ଲଢି ବିଜୟୀ ହେବା ମଧ୍ୟ ତାଙ୍କ ପାଇଁ ଏକ ନୂଆ ରେକର୍ଡ । ଚଳିତ ନିର୍ବାଚନରେ ବୌଦ୍ଧ ବିଜେଡିରୁ ଜଣେ ପରେ ଜଣେ ନେତା ଦଳ ଛାଡିଥିବାବେଳେ ଏଥର ନିର୍ବାଚନ ତାଙ୍କ ପାଇଁ ଅଗ୍ନି ପରୀକ୍ଷା ଥିଲା । କିନ୍ତୁ ସେସବୁକୁ ଖାତିର ନ କରି ଅମାତ ୧୦ ହଜାରରୁ ଅଧିକ ଭୋଟରେ ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରି ଏହି ଆସନରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ । ଅମାତଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବା ନେଇ ତାଙ୍କ ସମର୍ଥକ ଓ କର୍ମୀମାନେ ଆଶାବାଦୀ ଥିଲେ । କିନ୍ତୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ଇନିଂସରେ ତାଙ୍କୁ କିଛି ସ୍ଥାନ ନ ମିଳିବାରୁ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ନିରାଶ ହେବାକୁ ପଡିଛି । ସୁବର୍ଣ୍ଣପୁର ଜିଲାରୁ ଦୁଇ ଜଣଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦବୀ ମିଳିଥିବାବେଳେ ବୌଦ୍ଧରୁ କାହାକୁ ମନ୍ତ୍ରୀ କରା ନ ଯିବା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ରାଜନୀତିରେ ଅମାତଙ୍କ ଏହା ଶେଷ ପାଳି କୁହାଯାଉଥିବା ବେଳେ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ତାଙ୍କୁ ସ୍ଥାନ ନ ମିଳିବା ରାଜ୍ୟ ରାଜନୀତିରେ ବୌଦ୍ଧର ପ୍ରଭାବ ହ୍ରାସ କରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

### ଲଣ୍ଡା ହେଲେ ଯୁବକ

ବୌଦ୍ଧ,୨୯।୫(ସ୍ୱ.ପ୍ର)

ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିନି । ତେବେ ପଡୋଶୀ ସୁବର୍ଣ୍ଣପୁର ଜିଲାରୁ ଦୁଇଜଣ ବିଧାୟକଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦବୀ ପ୍ରଦାନ କରାଯାଇଥିବାରୁ ଏହାକୁ ବିରୋଧ କରି ବୌଦ୍ଧର ଜଣେ ଯୁବକ ଲଣ୍ଡା ହୋଇଛନ୍ତି । ଜିତେନ୍ଦ୍ର ବେହେରା ନାମରେ ଏହି ଯୁବକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମନ୍ତ୍ରୀ ମଣ୍ଡଳରେ ବୌଦ୍ଧର ବିଧାୟକଙ୍କୁ ସ୍ଥାନ ଦିଆଯାଇନାହିଁ । ଫଳରେ ସେ ଏହାର ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ଲଣ୍ଡା ହୋଇଥିବା କହିଛନ୍ତି ।


ଜଣେ ଯୁବକ ଲଣ୍ଡା ହେଉଛନ୍ତି ।



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। -ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ଅନ୍ତର୍ଡା କ୍ରିକେଟ୍ ପ୍ରିମିୟର ଲିଗ୍: ଭିଭିଆର୍ ବିଜୟୀ

**ବିନିକା,୨୯।୫(ଡି.ଏନ୍.ଏ.):**ବିନିକା ବ୍ଲକ୍ ଅଧୀନ ଅନ୍ତର୍ଡା ଖେଳପଡ଼ିଆରେ ଚାଲିଥିବା କ୍ରିକେଟ୍ ପ୍ରିମିୟର ଲିଗ୍ ମ୍ୟାଚ୍‌ର ବୁଧବାର ନବମ ଦିନରେ ଭିଭିଆର୍ ଦଳ ପ୍ରତିପକ୍ଷ କେକେଆର୍ ଦଳକୁ ୧୫ରନ୍‌ରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। କେକେଆର୍ ଦଳ ଟସ୍ ଜିତି ଫିଲ୍ଡିଂ କରିବା ନିଷ୍ପତ୍ତି ନେଇଥିଲା। ଭିଭିଆର୍ ଦଳ ବ୍ୟାଟିଂ କରି ୧୦ଓଭରରେ ୭ ଉଇକେଟ୍ ବିନିମୟରେ ୮୭ରନ୍ କରିଥିଲା। ପ୍ରତିପକ୍ଷ କେକେଆର୍ ଦଳ ୧୦ ଓଭରରେ ୭ ଉଇକେଟ୍ ହରାଇ ୭୨ରନ୍ କରିବାରେ ସକ୍ଷମ ହୋଇଥିଲା। ଫଳରେ ଭିଭିଆର୍ ଦଳ ୧୫ରନ୍‌ରେ କେକେଆର୍ ଦଳକୁ ପରାସ୍ତ କରିଥିଲା । ଭିଭିଆର୍ ଦଳର ଉପଦେଷ୍ଟା ସୁଦାମ ସୁନା ଓ କ୍ୟାପଟେନ୍ ମାନସ ରଞ୍ଜନ ଭୋଇ ଦଳର ବିଜୟୀ ପାଇଁ ଖେଳାଳିଙ୍କୁ ସମସ୍ତ ଶ୍ରେୟ ଦେଇଥିଲେ। କେକେଆର୍ ଦଳର ଉପଦେଷ୍ଟା କିଶୋର ଦଣ୍ଡସେନା ଓ କ୍ୟାପଟେନ୍ ଆନନ୍ଦ ବଡେଇ ଆସନ୍ତା ମ୍ୟାଚ୍‌ରେ ଦଳ କିପରି ଭଲ ପ୍ରଦର୍ଶନ କରିବ ସେନେଇ ପ୍ରଚେଷ୍ଟା ଜାରି ରହିବ ବୋଲି କହିଥିଲେ ।



### କାଳବୈଶାଖୀରେ ବିଦ୍ୟୁତ୍ ଖୁଣ୍ଟ, ଘର ଭାଙ୍ଗିଲା

**ରିଷିଡ଼ା, ୨୯।୫ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା, ଗଜବାହାଲ, ଡଙ୍ଗରମୁଣ୍ଡା, ତେରେସିଂହାରେ ସୋମବାର ରାତିରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଥିଲା । ଫଳରେ ଏହି ଅଞ୍ଚଳରେ ବଡ ଗଛଗୁଡିକ ଘର ଓ ବିଦ୍ୟୁତ ଖୁଣ୍ଟ ଉପରେ ପଡିଛି। ତେରେସିଂହାର ବେଲପଡାରେ ଗୋଟିଏ ବଡଗଛ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡିଥିବା ବେଳେ ପବନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡିଯାଇଛି। ସେହିପରି ଗଜବାହାଲ ପଞ୍ଚାୟତର ଡଙ୍ଗରମୁଣ୍ଡାର ମନୋଜ ସାହୁଙ୍କ ଘର ଉପରେ ଗଛ ଭାଙ୍ଗି ପଡିବାରୁ ତାଙ୍କ ଘର ଭାଙ୍ଗିଯାଇଛି। ଏଥି ସହିତ ଅନେକ ଘରର ଛପର ଓ ଆଜବେଷ୍ଟସ୍ ଭାଙ୍ଗିଯାଇଛି । ଏଠାରେ ଗତ ୨ ଦିନ ହେଲା ତାପମାତ୍ରା ୪୫ ଡିଗ୍ରୀ ରହୁଥିବା ବେଳେ କାଳବୈଶାଖୀ ଯୋଗୁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ଏହି ଅଞ୍ଚଳରେ ଥିବା ଆମ୍ବ ଗଛରୁ ଆମ୍ବ ଫଳ ଛଡି ଯାଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବାରୁ ତେରେସିଂହାକୁ ବିଦ୍ୟୁତ୍ ସେବା ବ୍ୟାହାତ ହୋଇଥିବା ବେଳେ ରିଷିଡାକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି ।

■ ସୁବର୍ଣ୍ଣପୁରରେ ଶୀତଳଷଷ୍ଠୀ ଯାତ୍ରା

# ୫ରୁ ଆରମ୍ଭ, ୯ରେ ଦେବଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ

**ସୋନପୁର,୨୯।୫(ନି.ପ୍ର.)**

ମନ୍ଦିରମାଳିନୀ ସୁବର୍ଣ୍ଣପୁର ସହର ଧର୍ମୀୟ ଭାବନାର ପ୍ରାଣକେନ୍ଦ୍ର । ଏଠାରେ ପାଳିତ ହେଉଥିବା ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଆସନ୍ତା ଜୁନ ୫ରୁ ଆରମ୍ଭ ହୋଇ ୯ ତାରିଖରେ ସରିବ । ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ୧୦୮ ଭରି ଓଜନ ସୁବର୍ଣ୍ଣର ଚନ୍ଦ୍ରଶେଖର ବାବା ଆସନ୍ତା ୪ ତାରିଖରେ ପୋଲିସର କଡା ସୁରକ୍ଷା ମଧ୍ୟରେ ଜିଲା କୋଷାଗାରରୁ ବାହାରିବା ପାଇଁ ନିଷ୍ପତ୍ତି ହୋଇଛି । ଏନେଇ ଜିଲା ଦେବୋତ୍ତର ବିଭାଗ ପକ୍ଷରୁ ଏକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ବୈଠକରେ ଅଧ୍ୟକ୍ଷତା କରି ଚଳିତ ବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଉପଜିଲାପାଳ ତଥା ଦୋବୋତ୍ତର ଅଧିକାରୀ ବଳରାମ ମଲ୍ଲିକ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ । ସୁବର୍ଣ୍ଣ ନାଗ, ରୁପା ବିମାନ ଓ ଅଳଙ୍କାର ସୁବର୍ଣ୍ଣପୁର ଟ୍ରେଜେରିରୁ ବାହାର କରାଯିବା ପରେ ମହାପ୍ରଭୁଙ୍କ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୫ରେ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି । ୬ରେ ଅଳଙ୍କାର ଧାରଣ, ୭ରେ ବରାନୁଗମନ ଓ ଶିବ ପାର୍ବତୀ ବିବାହ, ୮ରେ ଶିବ ପାର୍ବତୀଙ୍କ ଯୁଗଳମୂର୍ତ୍ତି ଦର୍ଶନ, ୯ରେ ଦେବଦମ୍ପତି ଗଣ୍ଠିଆଳ ହୋଇ ନଗର ପରିକ୍ରମା ପୂର୍ବକ ଗୃହ ପ୍ରତ୍ୟାବର୍ତ୍ତନର କାର୍ଯ୍ୟକ୍ରମ ରହିଛି । ଶୋଭାଯାତ୍ରରେ ରନିଙ୍ଗ ମେଲୋଡି, ଘଣ୍ଟବାଦ୍ୟ, ଘୋଡାନାଚ, ଦୁଲଦୁଲି, ଘୁମୁରା, ଶବର ଶବରେନ୍ ନୃତ୍ୟ, ରେକର୍ଡ ଡ୍ୟାନ୍ସ ଓ ସଂକୀର୍ତ୍ତନ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ହୋଇଥିବା ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁବର୍ଣ୍ଣ ନାଗ ପ୍ରତିମା ବର ବେଶରେ ରୁପା ବିମାନରେ ବିଜେ ହେବେ । ସୋନପୁରର ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିବେ । ଏଠାକାର ଶୀତଳଷଷ୍ଠୀ ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ । ରାଜାରାଜୁଡା ଅମଳରୁ ଶତାଧିକ ବର୍ଷ ଧରି ଏହି ପରମ୍ପରା ଚାଲିଆସିଛି । ଏଠାରେ ସୁବର୍ଣ୍ଣମେରୁର ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୁଏ । କନ୍ୟା ମାତାପିତା ଓ ବର ମାତାପିତାଙ୍କ ଚୟନ ଶେଷ ହୋଇଛି। ସହରସ୍ଥିତ ଘୋଡାଘାଟପଡ଼ାର ଅନୀତା ପାଣିଗ୍ରାହୀ ଓ ସ୍ୱାମୀ ଶୁକ୍ଲାମ୍ବର ପାଣିଗ୍ରାହୀ କନ୍ୟା(ମାତା ପାର୍ବତୀଙ୍କ) ମାତାପିତା ଓ ଶାନ୍ତିନଗରପଡ଼ାର ରାଲି ରଥ ଓ ସ୍ୱାମୀ ଅର୍ଜୁନ ରଥ ବର(ଚନ୍ଦ୍ରଶେଖରଙ୍କ) ମାତାପିତା ଭାବେ ମନୋନୀତ ହୋଇଛନ୍ତି। ଯାତ୍ରାର ସୁପରିଚାଳନା ପାଇଁ କମିଟି ସଭାପତି କିଷନ୍ ଲାଲ ଅଗ୍ରୱାଲା, ଉପସଭାପତି ସୁବାଷ ମିଶ୍ର, ସମ୍ପାଦକ ଗିରି ଗୋବର୍ଦ୍ଧନ ଥନାପତି, ସହସମ୍ପାଦକ ସୁକାନ୍ତ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବେ ଜୟନାରାୟଣ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। କମିଟିର କାର୍ଯ୍ୟକାରୀ ସଭ୍ୟ ଭାବେ ପ୍ରମୋଦ ମହାପାତ୍ର, ଶ୍ରୀବତ୍ସ ମଲ୍ଲିକ, କେଦାରନାଥ ପୂଜାରୀ, ଲକ୍ଷ୍ମୀନାରାୟଣ ଥନାପତି, ସୁଦାମ ପୂଜାରୀ, ବି ସତ୍ୟନାରାୟଣ ରାଓ, ଚକ୍ରାୟୁଧ ନାଏକ, ଅଭିମନ୍ୟୁ କୁଶଳ, ଦୀପକ ମହାପାତ୍ର, ସମରେଶ ଥନାପତି ଓ ରାଜୁ ରାଓ ପ୍ରମୁଖ ରହିଛନ୍ତି। ବୈଠକରେ ବୈଦ୍ୟନାଥସ୍ଥିତ କୋଶଳେଶ୍ୱରଙ୍କ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ମଧ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସରକାରୀ ଓକିଲ ବ୍ୟୋମକେଶ ଦାଶ, ମାନସ ଥନାପତି, ଉମାଶଙ୍କର ସାହୁ, ଭିକାରୀ ଝାଙ୍କର, ଶୁକ୍ଲାମ୍ବର ପାଣିଗ୍ରାହୀ ଓ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ପ୍ରସ୍ତୁତି ବୈଠକରେ ଜିଲାପାଳ, ଦେବୋତ୍ତର ଅଧିକାରୀ ଓ ଯାତ୍ରା କମିଟିର କର୍ମକର୍ତ୍ତା ।



କନ୍ୟା ମାତାପିତା ଓ ବର ମାତାପିତା ।

### ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସରେ ମେଶିନ୍ ଅଭାବ: ଶୋଷଣର ଶିକାର ହେଉଛନ୍ ରୁଗୀ

**ବିନିକା,୨୯।୫(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବିନିକା ଏନ୍.ଏ.ସି. ସମେତ ୧୬ ପଁଚେତ୍‌ର ଲୋକ୍ ନିରଭର କରୁଛନ୍। ହେଲେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସରେ ମେଶିନ୍‌ର ଅଭାବ ରହିଛେ। ଏକ୍ସରେ ମେଶିନ୍ ଅଭାବୁ ବିନିକା ଏନ୍.ଏ.ସି. ଆର ବ୍ଲକର ହଜାର ହଜାର ଗରିବ୍ ରୁଗୀ ବାହାରେ ଏକ୍ସରେ କରି ଅଧିକା ଟଁକା ପଏସା ସାରବାର ସଂଗେ ଶୋଷନ୍‌ର ଶିକାର ହେଉଥିବାର ଅଭିଯୋଗ ହେଉଛେ। ଇ ଦିଗେ ଜିଲା ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍ଟି ଦେଇ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ଗୁଟେ ଏକ୍ସରେ ମେଶିନ୍ ସଂଗେ ଝନେ ରେଡିଓଗ୍ରାଫରଙ୍କୁ ଯୁଗେଇ ଦେବାର ଲାଗି ବୁଧିଜୀବୀ ମହଲରେ ଦାବି ହେଉଛେ। ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ପ୍ରଭାସ ପଧାନଙ୍କୁ ପଚରାଲାରୁ ଆମର କେନ୍ଦ୍ରରେ ଏକ୍ସରେ ମେଶିନ୍‌ର ଅଭାବ ରହିଛେ। ଏକ୍ସରେ ମେଶିନ୍ ଥିଲେ ଅନେକ ଗରିବ୍ ଦୁଖି ରୁଗୀ ସୁବିଧାରେ ଚିକିତ୍ସା ସୁବିଧା ପାଏତେ ବଲି ସେ କହିଥିଲେ। ସେନ୍‌ତା ସ୍ୱାସ୍ଥ୍ୟ କେନ୍ଦ୍ରର ସୂଚନା ଅଧିକାରୀ ନାରାୟଣ ମେହେରଙ୍କୁ ଇ ବାବ୍‌ଦେ ପଚରାଲାରୁ ଏକ୍ସରେ ମେଶିନ୍‌ର ସୁବିଧା ଜିଲା ମୁଖିଆ ଡାକ୍ତରଖାନାମାନକୁ ଥିସି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନକେ ଏକ୍ସରେ ମେଶିନ୍ ନାଇଁ ରହେ ବଲି ସେ କହିଥିଲେ।

# ସୁବର୍ଣ୍ଣପୁର ଜିଲାରୁ ୨ କ୍ୟାବିନେଟ୍ ମନ୍ତ୍ରୀ

**ସୋନପୁର,୨୯।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭ ଦୃଷ୍ଟି ରହିଛି । ବୁଧବାର ନବୀନ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଏହା ସ୍ପଷ୍ଟ ହୋଇଛି। ଓଡ଼ିଶାର ୧୩ଟି ଜିଲା ଏବେ ମନ୍ତ୍ରୀ ଶୂନ୍ୟ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ତାଙ୍କ ପଞ୍ଚମ ପାଳିରେ ଜିଲାର ଦୁଇ ବିଧାୟକଙ୍କୁ କ୍ୟାବିନେଟ୍ ମନ୍ତ୍ରୀ କରି ଜିଲାବାସୀଙ୍କୁ ଖୁସି କରିଛନ୍ତି । ନବୀନଙ୍କ କ୍ୟାବିନେଟ୍‌ରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ସବୁଠୁ କ୍ଷମତାଶାଳୀ ଭାବେ ଉଭା ହୋଇଛନ୍ତି। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ଓ ଅବକାରୀ ବିଭାଗ ମିଳିଛି । ପୂର୍ବରୁ ପୂଜାରୀ ନବୀନଙ୍କ ତୃତୀୟ ଓ ଚତୁର୍ଥ ପାଳିରେ ଗୁରୁତ୍ୱପୂର୍ଣ୍ଣ ବାଚସ୍ପତି ପଦ ସହ ଖାଦ୍ୟ ଓ ଯୋଗାଣ, ଶିଳ୍ପ, ଅବକାରୀ, ନଗର ଉନ୍ନୟନ ଓ ଜଳସମ୍ପଦ ବିଭାଗର ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ କରି ଦଳର ସୁପ୍ରିମୋଙ୍କ ବିଶ୍ୱାସ ଭାଜନ ହୋଇଥିଲେ। ତେଣୁ ତାଙ୍କ ଉପରେ ନବୀନ ପୁଣି ଆସ୍ଥା ପ୍ରକଟ କରିଛନ୍ତି। ସେହିପରି ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ବାଣିଜ୍ୟ, ପରିବହନ, ଯୋଜନା ଓ ସମନ୍ୱୟ ବିଭାଗ ପାଇଛନ୍ତି । ଦୀର୍ଘ ବର୍ଷ ପରେ ବରିଷ୍ଠ ନେତା ବେହେରା ପୁଣି କ୍ୟାବିନେଟ୍‌କୁ ଫେରିଛନ୍ତି । ସେ ୱାର୍ଡ ସଭ୍ୟରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଫୁଲବାଣୀରୁ ଜନତା ଦଳରୁ ବିଧାୟକ ଭାବେ ଜିତି ୧୯୯୦ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ସେ ଫୁଲବାଣୀରେ ବିଧାୟକ ଓ ଦୁଇ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି । ନବୀନଙ୍କ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ । ସୀମା ନିର୍ଦ୍ଧାରଣ ପରେ ୨୦୦୯ରୁ ବୀରମହାରାଜପୁର ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଥିଲେ ମଧ ନବୀନଙ୍କ ତୃତୀୟ ଓ ଚତୁର୍ଥ ପାଳିରେ ମନ୍ତ୍ରୀ ହେବାରୁ ବଞ୍ଚିତ ଥିଲେ । ଏଥିଯୋଗୁ ସମର୍ଥକ ନିରାଶ ହୋଇଥିଲେ। ତେବେ ଚଳିତ ଥର ଜିଲାର ଦୁଇ ବିଧାୟକ କ୍ୟାବିନେଟ୍ ମନ୍ତ୍ରୀ ହେବା ପରେ ବିଜେଡିର ଦଳୀୟ କର୍ମକର୍ତ୍ତା ଓ ଶୁଭେଚ୍ଛୁ ଖୁସି ମନାଇବାରେ ଲାଗିଛନ୍ତି । ଏହି ଜିଲାରେ ମାତ୍ର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି । ସଦ୍ୟ ସମାପ୍ତ ନିର୍ବାଚନରେ ସୋନପୁରରୁ ନିରଞ୍ଜନ ପୂଜାରୀ ୨୫ ହଜାର ୭୨୬ ଖଣ୍ଡ ଭୋଟ ବ୍ୟବଧାନରେ ଓ ବୀରମହାରାଜପୁରରୁ ପଦ୍ମନାଭ ବେହେରା ୧୩ ହଜାର ୫୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ଏମ୍‌ପି ପ୍ରାର୍ଥୀ କଲିକେଶ ନାରାୟଣ ସିଂହଦେଓ ନିର୍ବାଚନରେ ପରାଜିତ ହୋଇଥିଲେ ହେଁ ବିଜୟିନୀ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଠାରୁ ସୋନପୁରରେ ଅଧିକ ୧୧ ହଜାର ୮୪୯ ଖଣ୍ଡ ଭୋଟ ଓ ବୀରମହାରାଜପୁରରେ ଅଧିକ ୬ ହଜାର ୪୭୯ ଖଣ୍ଡ ଭୋଟ ପାଇଥିଲେ। ଦଳର ସଂଗଠନ ସୁଦୃଢ ଥିବା ବେଳେ ଠିକ୍ ନିର୍ବାଚନ ପରିଚାଳନା ଯୋଗୁ ମୋଦି ହାୱା ଏଠାରେ କାମ କରି ନ ଥିଲା । ଅନ୍ୟପକ୍ଷେ ଦକ୍ଷତା, ଦଳ ପ୍ରତି ଆନୁଗତ୍ୟ ଓ ସ୍ୱଚ୍ଛ ଭାବମୂର୍ତ୍ତି ଆଧାରରେ ୨ ବିଧାୟକଙ୍କୁ ମନ୍ତ୍ରୀ କରାଯାଇଥିବା ଆଲୋଚନା ହେଉଛି।



ଅର୍ଥମନ୍ତ୍ରୀ
**ନିରଞ୍ଜନ ପୂଜାରୀ**



ବାଣିଜ୍ୟ ଓ ପରିବହନ ମନ୍ତ୍ରୀ
**ପଦ୍ମନାଭ ବେହେରା**



ବୁଧବାର ରାଜସ୍ୱ ବିଭାଗ ଏବଂ ପୋଲିସ ଟିମ୍ ଅରିଗାଁ ବାଲିଘାଟ ଉପରେ ଚଢାଉ କରିଛନ୍ତି।

### ବାଲିଘାଟରେ ରାଜସ୍ୱ ବିଭାଗ ଚଢ଼ାଉ

**ବିନିକା,୨୯।୫(ଡି.ଏନ୍.ଏ.)**

- ୨ ଡମ୍ପର, ଜେସିବି ମେଶିନ, ଟ୍ରାକ୍ଟର ଜବତ
- ୧୦ହଜାର ଜରିମାନା ଆଦାୟ

ବିନିକା ତହସଲ ଅଧୀନ ଅରିଗାଁ ବାଲିଘାଟ ଉପରେ ବୁଧବାର ରାଜସ୍ୱ ବିଭାଗ ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ୨ଟି ଡମ୍ପର, ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ସହ ଏକ ଜେସିବି ମେଶିନ ଜବତ କରିଥିଲେ। ହେଲେ ଘଟଣାସ୍ଥଳରୁ ଡମ୍ପର, ଜେସିବି ଏବଂ ଟ୍ରାକ୍ଟର ଡ୍ରାଇଭର ଫେରାର ମାରିଥିଲେ। ଏନେଇ ଅଧିକାରୀମାନେ ଟ୍ରାକ୍ଟର ମାଲିକଙ୍କୁ ଡାକି ବେଆଇନ ବାଲି ଚୋରା ରାଲାଣ ଅଭିଯୋଗରେ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଏପରି କି ଟ୍ରାକ୍ଟର ମାଲିକଙ୍କୁ ଗୁରୁବାର ଗାଡିର ସମସ୍ତ କାଗଜପତ୍ର ତହସିଲ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ। ଚଢାଉରେ ବିନିକା ଅତିରିକ୍ତ ତହସଲଦାର ରାକେଶ ଅଗ୍ରୱାଲ, ସୁପରଭାଇଜର ଜାରା ସିଂ ବରିହା, ସିନ୍ଧୁରପୁର ରାଜସ୍ୱ ନିରୀକ୍ଷକ ବିବେକା ତ୍ରିପାଠୀ, ସ୍ୱଷ୍ଟୀ କୁମାର ବାରିକ ଏବଂ ବିନିକା ପୋଲିସର ଏକ ଟିମ୍ ଏଥିରେ ସାମିଲ ହୋଇଥିଲେ।

■ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ

# ହରିଣାପାଲି, କୋଟସମଲାଇ ବିଜୟୀ

**ଅମରପାଲି,୨୯।୫(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଅଧୀନ କୋଟସମଲାଇଠାରେ ଚାଲିଥିବା ଅଷ୍ଟମ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟର ତୃତୀୟ ଦିବସରେ ନୂଆଁଗନିଆକୁ ହରାଇ ହରିଣାପାଲି ଓ ବୈରାଗିପାଲିକୁ ହରାଇ କୋଟସମଲାଇ ବିଜୟୀ ହୋଇଛି । ପ୍ରଥମ ମ୍ୟାଚରେ ହରିଣାପାଲି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୮୩ ରନ୍ କରିଥିଲା । ଦଳର ସଞ୍ଜୀବ ୫୦ ରନ୍ କରିଥିବା ବେଳେ ବିପକ୍ଷ ନିତାଇ ଓ ଶ୍ରୀକାନ୍ତ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ । ଯବାବରେ ନୂଆଁଗନିଆ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୨୫ ରନ୍ କରି ପରାସ୍ତ ହୋଇଥିଲା। ହରିଣାପାଲିର ରଞ୍ଜନ ୫ଟି ଉଇକେଟ ନେଇଥିଲେ । ରଞ୍ଜନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ବୈରାଗିପାଲି ବ୍ୟାଟିଂ କରି ୯.୩ ଓଭରରେ ୪୦ ରନ୍ କରି ସମସ୍ତ ଉଇକେଟ ହରାଇଥିଲା । ଦଳର ବିଜୟ ୧୨ ଓ ସୁଧୀର ୧୧ ରନ କରିଥିବା ବେଳେ ବିପକ୍ଷ ଅନିଲ ଓ ରାମଗୋପାଳ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଯବାବରେ କୋଟସମଲାଇ ଦଳ ଆବଶ୍ୟକୀୟ ୪୧ ରନକୁ ନିତ୍ୟାନନ୍ଦଙ୍କ ୧୭ରନ୍ ଓ ରାମଗୋପାଳଙ୍କ ୯ରନ୍ ସହାୟତାରେ ୪ ଉଇକେଟ ହରାଇ ୫.୫ ଓଭରରେ ସଂଗ୍ରହ କରି ବିଜୟୀ ହୋଇଥିଲା। ବୈରାଗିପାଲିର ବିଜୟ ୨ଟି ଓ ସତ୍ୟ ଗୋଟିଏ ଉଇକେଟ ନେଇଥିଲେ। କୋଟସମଲାଇର ରାମଗୋପାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଖେଳଗୁଡିକୁ ଧୀରୁ କୁମାର ସାହୁ ଓ ବିଶ୍ୱନାଥ ବାରିକ ପରିଚାଳନା କରିଥିବା ବେଳେ କାର୍ତ୍ତିକ ତରିଆ ଓ ସୁମିତ ଭୁକ୍ତା ସ୍କୋରର ଏବଂ ନିତ୍ୟାନନ୍ଦ ମନ୍ତ୍ରୀ ଓ ଘୁଣ୍ଟୁଗୋପାଳ ପୁରୋହିତ ଧାରାବିବରଣୀ ପ୍ରଦାନ କରିଥିଲେ।



■ ଥାନା ଛାତରୁ ଡେଇଁ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣା

# ରୁଜୁ ହେଲା ହାଜତ ମୃତ୍ୟୁ ମାମଲା

**ବୀରମହାରାଜପୁର,୨୯।୫(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଦର୍ଶ ଥାନାରେ ଜଣେ ଅଭିଯୁକ୍ତ ପୋଲିସ ହେପାଜତରେ ଥିବାବେଳେ ଛାତ ଉପରୁ ଡେଇଁ ପ୍ରାଣ ହରାଇଥିବା ଘଟଣା ଏବେ ନୂଆ ମୋଡ ନେଇଛି। ମୃତକଙ୍କ ପରିବାର ଏହାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ପୋଲିସ ଏହାକୁ ହାଜତ ମୃତ୍ୟୁ ମାମଲା ଭାବେ ଗ୍ରହଣ କରି ଅଧିକ ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ବୀରମହାରାଜପୁର ଥାନା ଅଧୀନ ଟିଁପିପାଲି ଗ୍ରାମର ଲିଙ୍ଗରାଜ ଅମାତ(୩୫) ମଙ୍ଗଳବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଆସି ଗଣ୍ଡଗୋଳ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଲିଙ୍ଗରାଜଙ୍କୁ କାବୁକରି ଥାନାକୁ ଆଣିଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୧୦୬/୨୦୧୯) ରୁଜୁ କରି ଲିଙ୍ଗରାଜଙ୍କୁ ପଚରାଉଚୁରା କରୁଥିଲା। ସେତିକିବେଳେ ଲିଙ୍ଗରାଜ ଶୌଚାଳୟ ଯିବା ବାହାନାରେ ପାହାଚ ଦେଇ ଥାନା ଛାତ ଉପରକୁ ଚାଲି ଯାଇଥିଲେ। ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ତାଙ୍କୁ ପିଛା କରିଥିଲେ। ହେଲେ ସେ ହଠାତ୍ ଛାତ ଉପରୁ ତଳକୁ ଡେଇଁ ପଡିଥିଲେ। ଲିଙ୍ଗରାଜଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମ୍‌ସାର୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିଲା। ତେବେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏସଂକ୍ରାନ୍ତରେ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ମଧୁସୂଦନ ମିଶ୍ର ଏବଂ ଏସ୍‌ପି ଦେବୀ ପ୍ରସାଦ ଦାଶ ଏକ ଯୁଗ୍ମ ପ୍ରାଥମିକ ରିପୋର୍ଟ ରାଜ୍ୟ ପୋଲିସ ମୁଖ୍ୟାଳୟ ମାନବଅଧିକାର ସେଲ୍ ତଥା ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟକୁ ପ୍ରେରଣ କରିଥିବା ସୂଚନା ମିଳିଛି। ବୁର୍ଲା ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୮୬/୨୦୧୯) ରୁଜୁ କରି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ଲିଙ୍ଗରାଜଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଟିଁପିପାଲି ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଏସ୍‌ପି ଦାଶ ଏବଂ ଏସ୍‌ଡିପିଓ ଧୀରଜ ଚପୋଦାରଙ୍କ ସହ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷେ ଉପଜିଲାପାଳ ସୁବ୍ରତ କୁମାର ବେହେରା ଓ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ପ୍ରମୁଖ ମୃତକଙ୍କ ପରିବାରର ଲୋକଙ୍କୁ ସମବେଦନା ଜଣାଇବା ସହିତ ବୁଝାଶୁଝା କରିଥିଲେ। ପ୍ରାଥମିକ ସହାୟତା ସ୍ୱରୂପ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା, ଜାତୀୟ ପରିବାର କଲ୍ୟାଣ ଯୋଜନାରେ ୨୦ ହଜାର ଟଙ୍କା ଏବଂ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହାଜର ଟଙ୍କା ପ୍ରଦାନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଅଧିକ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ପ୍ରଶାସନ ପକ୍ଷରୁ ସୁପାରିସ କରାଯାଇଥିବା ଜଣାପଡିଛି।



ଲିଙ୍ଗରାଜଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଏସ୍‌ପି ତଥା ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ବୁଝାଶୁଝା କରୁଛନ୍ତି।



ଧନ ଅର୍ଜନ କରିବାର ପିପାସା, ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।

- ସିସେରୋ

## ସଂକ୍ଷେପରେ

ବଜ୍ରପାତରେ ମହିଳା ମୃତ୍ୟୁ ଘଟଣା

### ପରିବାର ବର୍ଗଙ୍କୁ ଭେଟିଲେ ଉପଜିଲାପାଳ

**ବିଜେପୁର,୨୯।୫ (ଡି.ଏନ.ଏ.)**- ବିଜେପୁର ବ୍ଲକ କଟାପାଲି ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାର ବୁଧବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି । ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୁଆନ ଉକ୍ତ ଗ୍ରାମକୁ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ପରେ ସେ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ସହ ଏହି ବିଷୟରେ ଆଲୋଚନା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରଙ୍କ ନିର୍ଦ୍ଧାରିତ ସହାୟତା ପ୍ରଦାନ କରାଯିବ ବୋଲି ପରିବାରବର୍ଗଙ୍କୁ ଉପଜିଲାପାଳ ଦରୁଆନ ଆଶ୍ୱାସନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିଏସ୍‌ଓ ଶମ୍ଭୁ ପ୍ରସାଦ ହରିପାଲ, ଅତିରିକ୍ତ ତହସିଲଦାର ନାରାୟଣ ସାହୁଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ମଙ୍ଗଳବାର ଉକ୍ତ ଗ୍ରାମର ମହିଳା ସବ୍ୟା ସାହୁ ବିଲରେ କଟା ହୋଇଥିବା ଧାନକୁ ମୁଣ୍ଡାଇ ଖଳାକୁ ଆଣୁଥିଲେ । ଏହି ସମୟରେ କାଳବୈଶାଖୀ ଯୋଗୁ ବଜ୍ରପାତ ହୋଇଥିଲା । ଫଳରେ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ପରିବାରବର୍ଗ ତାଙ୍କୁ ଉଦ୍ଧାର କରି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ ।



### ଆରମ୍ ହେଲା ଦୋଷୀକଟାର ପୁନରୁଧାର କାମ

**ବିଜେପୁର, ୨୯।୫ (ଡି.ଏନ.ଏ)**- ବରଗଡ଼ ଜିଲା ବିଜେପୁର ବ୍ଲକ ଲାଉମୁଣ୍ଡା ପଁଚେତ୍ ସଦରରେ ଥିବାର ଦୋଷୀ କଟାର ପୁନରୁଧାର କାମ୍ ଆରମ୍ ହେଇଛେ। ଇଥିରେ ଥାନୀୟ ସରପଁଚ୍ ସୁବର୍ଣ୍ଣ ମେହେର ନଡ଼ିଆ ଭାଂଗଲା ଉତାରୁ କାମ୍ ଆରମ୍ କରାଯାଇଥିଲା। କାମ୍ ଜାଗାରେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପାଣ୍ଡବ ନନ୍ଦ, କିଶୋର ମେହେରକଁର ସମେତ ଗ୍ରାମ ରୋଜଗାର ସେବକ ଆର ସାମାଜିକ କରମୀମାନେ ଠୋଲ୍ ହେଇଥିଲେ। ଇ କଟାର ପୁନରୁଧାର ଲାଗି ୧୦ ଲାଖ୍ ଟଁକାର ଖରଚ୍ ଅଟକଲ କରାଯାଇଥିଲା। ପହେଲା ଖେପି ରାଜ୍ୟ ଚତୁର୍ଥ ଅର୍ଥ କମିଶନ ତରଫୁ ୪ ଲାଖ୍ ଟଁକା ମଂଜୁର ହେଇଛେ। ସୂଚନା ହିସାବେ ବହୁତ୍ ଦିନ୍ ହେଲା ଲାଉମୁଣ୍ଡା ଦୋଷୀ କଟାର ପୁନରୁଧାର କାମ୍ ନାଇଁ ହେଉଥାଇ। ଯେନ୍‌ଥିରଲାଗି କଟାର ପାଏନ୍ ବି ବେଭାର କଲା ଅବସ୍ତାରେ ନାଇଁଥାଇ। ଇ ବାବ୍‌ଦେ ଚଲତି ମାସ ୨୦ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ପ୍ରଦୂଷିତ ହେଉଛି ଦୋଷୀ କଟା, ନାଲିଫିଁତା ତଳେ ପୁନଃରୁଦ୍ଧାର କାମ' ଶୀରଷକ୍‌ରେ ଖବର ବାହାରିଥିଲା। ଯେନ୍‌ଥିରଲାଗି ଥାନୀୟ ପରଶାସନ ଇତାକେ ଗୁରୁତ୍ ଦେଇ ନିରବାଚନ ଆଚରନବିଧି ଉଠ୍‌ଲା ଉତାରୁ କଟାର ପୁନରୁଧାର କାମ୍ ଆରମ୍ କରିଛେ।

# ଲୋକଙ୍କୁ ଘାରୁଛି କାଳବୈଶାଖୀ ଭୟ

**ନୂଆପଡ଼ା ଅଫିସ,୨୯।୫**

ନୂଆପଡ଼ା ଜିଲାର ଭୌଗୋଳିକ ସ୍ଥିତି କହିଲେ ଅର୍ଦ୍ଧାଧିକ ଅଞ୍ଚଳ ବଣପାହାଡରେ ପରିପୂର୍ଣ୍ଣ । ଏଠିକାର ଲୋକଙ୍କ ମୁଖ୍ୟ ବେଉସା ଚାଷ ହୋଇଥିବାବେଳେ ଅର୍ଦ୍ଧେକ ଲୋକ ବଣଜଙ୍ଗଲରୁ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ଏଠାରେ ବହୁ ସମୟରେ ମରୁଡି, କାଳବୈଶାଖୀ ଭଳି ପ୍ରାକୃତିକ ତାଣ୍ଡବ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦୋହଲାଇ ଦେଇଥାଏ । ସେପଟେ ଫନୀ ତାଣ୍ଡବ ଲୋକଙ୍କ ମନରୁ ନ ଲିଭୁଣୁ ଏଠାରେ କାଳବୈଶାଖୀ ସବୁବେଳେ ଲୋକଙ୍କୁ ଭୟଭିତ କରି ରଖିଛି । ଦିନବେଳା ପ୍ରଚଣ୍ଡ ଖରା ଲୋକଙ୍କୁ ପଦାକୁ ବାହାର କରିଦେଉ ନ ଥିବାବେଳେ ସନ୍ଧ୍ୟା ହେଲେ କାଳବୈଶାଖୀ ଭୟ । ବର୍ତ୍ତମାନ ଚାଷୀମାନେ ଜିଲାର ବିଭିନ୍ନ ଅଞ୍ଚଳରେ ରବିଚାଷ ଟିକକ କରି ଅମଳ ପାଇଁ ଭିଡିଥିବାବେଳେ କାଳବୈଶାଖୀ ତାଣ୍ଡବ ଚାଷୀଙ୍କ ନିଦ ହଜାଇ ଦେଉଛି। ନିକଟରେ ଜିଲାର ଖଡିଆଳ ବ୍ଲକ ପଦ୍ମପୁର ଗାଁରେ କାଳବୈଶାଖୀ ଯୋଗୁ ବହୁ ଫସଲ ହାନି ଘଟିଥିବାବେଳେ ଚାଳ ଛପର ଘର ସବୁ ଭାଙ୍ଗିପଡିଥିଲା। ବିଜୁଳୀ ସଂଯୋଗ ବହୁ ଦିନ ଧରି ବିଚ୍ଛିନ୍ନ ହୋଇପଡିଥିଲା । କୋମନା ବ୍ଲକ ସିଆଲଟି ଅଞ୍ଚଳରେ ବହୁ ଚାଷୀଙ୍କ କଦଳୀ ଚାଷ ନଷ୍ଟ ହୋଇଥିଲା । ସେଭଳି ମଙ୍ଗଳବାର ସ୍ଥାନୀୟ ଭାଜିପଲା ଗାଁରେ କାଳବୈଶାଖୀ ସହ ବଜ୍ରପାତ ଜଣଙ୍କ ଜୀବନ ନେଇଥିବାବେଳେ ୨ ଜଣ ଜୀବନ ସହ ସଂଗ୍ରାମ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ ଅଂଶୁଘାତ ଭଳି ସମସ୍ୟାକୁ ସାମନା କରିବାକୁ ବିପର୍ଯ୍ୟୟ ପରିଚାଳନା ବୈଠକରେ ପ୍ରସ୍ତୁତି କରାଯାଇଛି । ହେଲେ କାଳବୈଶାଖୀ ପାଇଁ ସେଭଳି କୌଣସି ପ୍ରସ୍ତୁତି କରାଯାଇ ନ ଥିବାନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



କାଳବୈଶାଖୀରେ ଉଜୁଡିଯାଇଥିବା ସିଆଲଟି ଗାଁର କଦଳୀ ଚାଷ ।

### ଏହାକୁ ନେଇ ସେମାନେ ଯାହା କୁହନ୍ତି



"ନୂଆପଡା ଏକ କୃଷି ପ୍ରଧାନ ଜିଲା । ଏଠାରେ ମରୁଡି, କାଳବୈଶାଖୀ ଭଳି ତାଣ୍ଡବ ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗିଦେଉଛି। ଏହା ଉପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ।

- **ବୀରେନ୍ଦ୍ର କୁମାର ପ୍ରଧାନ, ଚାଷୀ ନେତା**



"ସରକାର ବିପର୍ଯ୍ୟୟ ପରିଚାଳନା ନାଁରେ କେବଳ କାଗଜ କଲମରେ ଯୋଜନା କରୁଛନ୍ତି। ନୂଆପଡା ଭଳି ଜିଲାର ସମସ୍ୟା ପ୍ରତି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବା ଦରକାର ରହିଛି।

- **ସୁରେଶ କୁମାର ଆଚାରୀ, ସାମାଜିକ କର୍ମୀ**



"ନୂଆପଡା ଜିଲା ରାଜ୍ୟ ରାଜଧାନୀଠାରୁ ୬ ଶହ କି.ମି. ଦୂର ସୀମାନ୍ତରେ ରହିଥିବାରୁ ବହୁ ସମୟରେ ଅବହେଳାର ଶୀକାର ହୋଇଥାଏ। ସମସ୍ୟାଗୁଡିକର ଠିକ ସମୀକ୍ଷା କରାଯାଉ ।

- **ମତିରାମ ନାଗ, ବିଶିଷ୍ଟ ବ୍ୟକ୍ତି**



"କାଳବୈଶାଖୀ ଆସି ଚାଷୀଙ୍କ ବ୍ୟାପକ କ୍ଷତି କରିଥାଏ। ହେଲେ ଠିକ ସମୟରେ କ୍ଷତିର ଆକଳନ ହୋଇ ନ ଥାଏ । ଚାଷୀଙ୍କୁ କ୍ଷତିପୂରଣ ମଧ୍ୟ ମିଳି ନ ଥାଏ । ଏହା ଉପରେ ବିଶେଷ ଧ୍ୟାନ ଦେବା କଥା।

- **ରାମଚନ୍ଦ୍ର ମିଶ୍ର, ଶିକ୍ଷାବିତ୍**

ନବୀନଙ୍କ ନୂତନ ମନ୍ତ୍ରିମଣ୍ଡଳ

# ଦିବ୍ୟଶଙ୍କର ସାମିଲ, ଜିଲାରେ ଖୁସିର ଲହରି

**ଜୁନାଗଡ,୨୯।୫ (ଡି.ଏନ.ଏ.)**



ଦିବ୍ୟଶଙ୍କର ମିଶ୍ର

କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ତାଙ୍କୁ ଶକ୍ତି, ଶିଳ୍ପ, ସୁକ୍ଷ୍ମ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ସହ ଗୃହ ବିଭାଗର ଅତିରିକ୍ତ ମିଳିଛି। ଏହି ଖବର ପ୍ରସାରିତ ହେବା ପରେ କଳାହାଣ୍ଡି ଜିଲାରେ ଖୁସିର ଲହରି ଖେଳିଯାଇଛି। ବିଭିନ୍ନବର୍ଗରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ୨୦୧୪ରେ ପାଇଲଟ ଚାକିରି ଛାଡି ନୂଆଁ ମୁହଁ ଭାବେ ଜୁନାଗଡ ନିର୍ବାଚନମଣ୍ଡଳୀରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହି ସମୟରେ ରାଜ୍ୟ ବିଜେଡି ମୁଖପାତ୍ର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୫ରେ କଳାହାଣ୍ଡି ଜିଲାରୁ ପ୍ରଥମ ଶ୍ରେଷ୍ଠ ବିଧାୟକ ଭାବେ ଗୋପବନ୍ଧୁ ପୁରସ୍କାର ହାତେଇଥିଲେ। ଚଳିତ ନିର୍ବାଚନରେ ଜିଲାର ୪ଟି ନିର୍ବାଚନୀମଣ୍ଡଳୀରେ ବିଜେଡି ନୂଆ ଚେହେରା ଦେଇଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ଦଳ ତାଙ୍କୁ ପୁଣି ଥରେ ଭରସା କରି ଜୁନାଗଡ ବିଧାନସଭା ମଣ୍ଡଳୀରେ ଟିକେଟ ଦେଇଥିଲା । ଏଥିରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ ମନୋଜ କୁମାର ମେହେରଙ୍କୁ ୨୭ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ହରାଇ ପୁଣି ଥରେ ନିଜ ଲୋକପ୍ରିୟତାର ପ୍ରମାଣ ଦେଇଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହନ୍ତି ଯେ, ପ୍ରଥମେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ତାଙ୍କୁ ଦିଆଯାଇଥିବା ଦାୟିତ୍ୱକୁ ସୁଚାରୁ ଭାବେ ଓ ଉତ୍ତମ ଢଙ୍ଗରେ ନିର୍ବାହ କରିବେ ବୋଲି କହିଥିଲେ ।

# ଭିଡିଓ ଭାଇରାଲ ଘଟଣାରେ ୭ ଗିରଫ

**ବରଗଡ଼ ଅଫିସ୍,୨୯।୫**

ବରଗଡ଼ ସହରରେ ଜଣେ ମହିଳାଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତଳିପଡ଼ାର ନିର୍ମଳ ଅଗ୍ରୱାଲ(୨୩), ନାଏକପଡ଼ାର ଅଭିଷେକ ଅଗ୍ରୱାଲ(୨୯), ହସପିଟାଲ ରୋଡ୍‌ର ହର୍ଷ କଂସଲ(୨୫), ଖଜୁରଟିକ୍ରାର ବିକି ଓରଫ ବିକାଶ ଅଗ୍ରୱାଲ(୪୦), ଆଶା କିରଣ ନିକଟ ମାତୃବିହାରର ରାକେଶ ସାୱାଡ଼ିଆ(୩୧), ନଦୀପଡ଼ାର ସୁନିଲ ଅଗ୍ରୱାଲ(୩୩) ଏବଂ ଭଟଲି ରୋଡ୍ ଲାଠ ଭବନ ନିକଟ ବାସିନ୍ଦା କାଳିଆ ଓରଫ ବିକାଶ ଅଗ୍ରୱାଲ(୩୩) । ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି ବୋଲି ଟାଉନ ଥାନା ଆଇଆଇସି ମାନସ ପ୍ରଧାନ କହିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଦଫା ୬୬(ଇ), ୬୭ ଆଇଟି ଆକ୍ଟ ୨୯୨, ୫୦୯ ଆଇପିସିରେ ଏକ ମାମଲା (ନଂ.୨୫୭/୧୯) ରୁଜୁ ହୋଇଛି ।

# ବୋଲେରୋ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ତଳଗାଁ,୨୯।୫ (ଡି.ଏନ.ଏ)**

ବୌଦ୍ଧ ଓ ନୟାଗଡ ଜିଲା ସୀମାନ୍ତ ବାଣିଗୋଛା କେନ୍ଦୁପତ୍ର ଫଡିନିକଟରେ ଜଣେ ବୋଲେରେ ଗାଡି ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଜଗନ୍ନାଥ ପ୍ରଧାନ ଓ ତାଙ୍କ ଘର ବୌଦ୍ଧ ଜିଲା କୁଶଙ୍ଗ ପଞ୍ଚାୟତର କୁମାରୀ ଗ୍ରାମରେ। ସୂଚନା ମୁତାବକ, ମଙ୍ଗଳବାର ଜଗନ୍ନାଥ ହରଭଙ୍ଗା ବ୍ଲକ କୁଶଙ୍ଗଠାରୁ କନ୍ଧମାଳ ଜିଲା ଚକାପାଦ ଅଞ୍ଚଳକୁ ବରଯାତ୍ରୀ ନେଇ ଯାଉଥିଲେ । ରାତି ୨ଟାରେ ବାଣିଗୋଛା କେନ୍ଦୁପତ୍ର ଫଡି ନିକଟରେ ଗାଡିଟି ରହିଥିଲା । ବୁଧବାର ଅପରାହ୍ନ ୧ଟା ବେଳେ ଗାଡି ଭିତରେ ମୋବାଇଲ ବାଜିବା ପରେ ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବାଣିଗୋଛା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିଚାଳକ ଜଗନ୍ନାଥ ଗାଡି ଭିତରେ ମରିଯାଇଥିବା ଦେଖିବାକୁ ପାଇଥିଲା । ପରେ ମୋବାଇଲ ଫୋନରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ । ବାଣିଗୋଛା ପୋଲିସ ଶବ ଜବତ କରିବା ସହ ପୋଷ୍ଟମର୍ଟମ ପାଇଁ ଦଶପଲ୍ଲା ମେଡିକାଲକୁ ପଠାଇଥିଲା । ଅନ୍ୟପକ୍ଷେ ଜଗନ୍ନାଥଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ପକ୍ଷରୁ କୁହାଯାଇଛି ।



ରେଳ ଉପଭୋକ୍ତା ସଂଘର ପ୍ରତିନିଧି ବରଗଡ଼ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ଜିଆରପି ଥାନା ପାଇଁ ସ୍ମାରକପତ୍ର

**ବରଗଡ଼ ଅଫିସ୍,୨୯।୫**

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ବରଗଡ଼ ଏସପି ମୁକେଶ କୁମାର ଭାମୁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ଜିଆରପି ଥାନା ସ୍ଥାପନର ଆବଶ୍ୟକତା ନେଇ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ବରଗଡ଼ ରୋଡ ଷ୍ଟେଶନ ଦେଇ ଅଧିକାଂଶ ଦୃତଗାମୀ ଟ୍ରେନ ଯାଇଥାଏ। ଫଳରେ ମହିଳା ଓ ପରିବାର ସହିତ ତଥା ମୂଲ୍ୟବାନ ସାମଗ୍ରୀ ନେଇ ଯାତ୍ରା କରୁଥିବା ଯାତ୍ରୀମାନେ ଭୟ ଓ ଆଶଙ୍କା ମଧ୍ୟରେ ରହିଥାନ୍ତି। ପୁନଶ୍ଚ କୌଣସି ଚୋରି ଓ ଅନ୍ୟ ସମସ୍ୟା ପାଇଁ ସମ୍ବଲପୁର କିମ୍ବା ବଲାଙ୍ଗୀର ଜିଆରପିରେ ଅଭିଯୋଗ କରିବାକୁ କୁହାଯାଇଥାଏ । ବରଗଡ଼ ରୋଡ୍ ଷ୍ଟେଶନ ଜିଲା ସଦର ମହକୁମାରେ ରହିବା ସହିତ ବି-ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବାରୁ ଏଠାରେ ଜିଆରପି ଥାନା ଖୋଲିବା ଦିଗରେ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ସଂଘ ସଭାପତି ପ୍ରଦୀପ ଦେବତା, ଉପସଭାପତି ପ୍ରୀତମ ସିଂ, ସମ୍ପାଦକ କମଳ ଯୋଷୀ, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ପ୍ରଚଣ୍ଡ ଗ୍ରୀଷ୍ମରେ ଗୋଚାଲାଣ, ଜିଲା ପ୍ରଶାସନ ଚୁପ୍

**କେସିଙ୍ଗା,୨୯।୫ (ଡି.ଏନ.ଏ.)**

ସାରା ରାଜ୍ୟରେ ଜାରି ରହିଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ। ଭୟଙ୍କର ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସକାଳ ୮ଟାରୁ ପ୍ରଚଣ୍ଡ ଖରାର ପ୍ରକୋପ ଆରମ୍ଭ ହୋଇଯାଉଛି। ଏଭଳି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଗୋ ଚାଲାଣକୁ ଜିଲା ପ୍ରଶାସନ କୌଣସି ଦୃଷ୍ଟି ଦେଉନାହାନ୍ତି । ଓଲଟା ପ୍ରଶାସନ ପକ୍ଷରୁ ଗୋ-ଚାଲାଣରେ ଟିକସ ଆଦାୟ କରି ଚାଲିଛନ୍ତି । ପଶ୍ଚିମ ଓଡିଶାର ବଲାଙ୍ଗୀର ଜିଲା ଟିଟିଲାଗଡ ସାପ୍ତାହିକ ବଜାର ବୁଧବାର, ଶନିବାର ଓ ନର୍ଲା ବ୍ଲକ ଅନ୍ତର୍ଗତ ବାଲିପଡା ସାପ୍ତାହିକ ବଜାର ସୋମବାର, କେସିଙ୍ଗା ବ୍ଲକ ଅନ୍ତର୍ଗତ ଉତ୍କେଲାସ୍ଥିତ ଗୁରୁବାର ସାପ୍ତାହିକ ବଜାରଠାରୁ ହଜାର ହଜାର ସଂଖ୍ୟାରେ ବାହାର ରାଜ୍ୟକୁ ଚାଲାଣ କରାଯାଉଛି । ଜିଲାର ନିୟନ୍ତ୍ରିତ ବଜାର କମିଟି କେସିଙ୍ଗା, ଟିଟିଲାଗଡ କାର୍ଯ୍ୟାଳୟ ପକ୍ଷରୁ ଗାଈ, ବଳଦ, ମଈଷି ପ୍ରତି ବଳଦକୁ ୫୦ ଟଙ୍କାରେ ଟିକସ କଟାଯାଉଛି । ଟିଟିଲାଗଡ, କେସିଙ୍ଗା, ବାଲିପଡା ଆଦି ସାପ୍ତାହିକ ବଜାରରୁ ଗାଈ, ବଳଦ, ମଇଁଷୀ, ଛେଳି, ମେଣ୍ଢା ଦଲାଲଙ୍କ ମାଧ୍ୟମରେ କ୍ରୟ ବିକ୍ରୟ କରାଯାଇ ଆନ୍ଧ୍ରପ୍ରଦେଶ, ହାଇଦ୍ରାବାଦ, ବିଶାଖାପାଟଣା ଆଦି ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ଚାଷୀମାନେ ଗାଈଠାରୁ ଦୁଗ୍ଧ ଉତ୍ପାଦନ ପାଇ ସାରିବା ପରେ ବୁଢ଼ା ହୋଇଗଲେ ବଜାରରେ ବିକ୍ରି କରି ଦେଉଛନ୍ତି । ସେଭଳି ବଳଦ, ମଇଁଷିକୁ ଚାଷୀମାନେ ଚାଷ କାର୍ଯ୍ୟରେ ନିୟୋଜିତ କରି ବୃଦ୍ଧା ଅବସ୍ଥାରେ ବଜାରରେ ୫ ହଜାରରୁ ୧୦ ହଜାର ଦରରେ ବିକ୍ରୟ କରିଦେଉଛନ୍ତି । ହୃଷ୍ଟପୁଷ୍ଟ ଗାଈ, ବଳଦ, ମଇଁଷିକୁ ୧୫ରୁ ୨୫ ହଜାର ଟଙ୍କା ଦରରେ ଦଲାଲମାନେ ବିକ୍ରୟ କରୁଛନ୍ତି । ଟିଟିଲାଗଡ, କେସିଙ୍ଗା, ବାଲିପଡା ସାପ୍ତାହିକ ବଜାରରୁ ଗୋ ବ୍ୟବସାୟୀମାନେ ଏଭଳି ଟାଣ ଖରାରେ ଗୃହ ପାଳିତ ପ୍ରାଣୀଙ୍କୁ ବେକେୟାର ବିକ୍ରି କରି ଚାଲିଥିଲେ ସୁଦ୍ଧା ଏଭଳି ଗୋ ଚାଲାଣକୁ ଜିଲା ପ୍ରଶାସନ ମଧ୍ୟ ଜାଣି ନୀରବ ସାଜି ଟିକସ ଆଦାୟ କରିବାରେ ପଛାଉନାହାନ୍ତି । ଗାଈ, ବଳଦ, ମଇଁଷିକୁ କ୍ରୟ କରିବା ପରେ ବ୍ୟବସାୟୀମାନେ ଟ୍ରକ ଯୋଗେ ନେବାର ବ୍ୟବସ୍ଥା ନ କରି ବଣ, ଜଙ୍ଗଲ ରାସ୍ତାରେ ଚଲାଇ ନେଇଥାନ୍ତି । ଫଳରେ ଗୃହ ପାଳିତ ପ୍ରାଣୀମାନେ ଅଂଶୁଘାତରେ ମୃତ୍ୟୁ ମଧ୍ୟ ବରଣ କରୁଛନ୍ତି। ବଣ, ଜଙ୍ଗଲ ରାସ୍ତାରେ ପାନୀୟ ଜଳ, ଖାଦ୍ୟ ବ୍ୟବସାୟୀମାନେ ନ ଦେଇ ତରବରରେ ୪୬ ଡିଗ୍ରୀ ତାପରେ ଚଲାଇ କେସିଙ୍ଗା, ନର୍ଲା, ବାଲିପଡାଠାରୁ ବିଶମକଟକ, ରାୟଗଡା ଦେଇ ବିଶାଖାପାଟଣାକୁ ନିଆଯାଇଥାଏ । ଅଧା ବାଟରେ ବୁଢ଼ାବୁଢ଼ୀ ଗାଈ, ଗୋରୁ ଓ ମଇଁଷିଙ୍କ ମୃତ୍ୟୁ ମଧ୍ୟ ହୋଇଥାଏ । ଗୃହ ପାଳିତ ପ୍ରାଣୀଙ୍କ ପ୍ରତି କେହିବି ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ଗୋ ଚାଲାଣ ବୃଦ୍ଧି ପାଉଛି। ଏ ନେଇ ବାଲିପଡା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁନା ବାବୁଙ୍କୁ ପଚାରିବାରୁ ବ୍ୟବସାୟୀମାନେ ବିକ୍ରି ପାଇଁ ବଜାରକୁ ଆଣିଲେ ଆମେ ରସିଦ କାଟିବାକୁ ବାଧ୍ୟ ହେଉଛି ବୋଲି ପ୍ରକାଶ କରିଥିଲେ। ବାଲିପଡା ଗୋ ସୁରକ୍ଷା କମିଟି ସଦସ୍ୟମାନେ ଏହି ଗୋ ଚାଲାଣକୁ ବିରୋଧ କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଜଣାପଡିଛି ।



ଚାଲାଣ ପାଇଁ ସାପ୍ତାହିକ ବଜାରରେ ଗୋରୁ ରଖାଯାଇଛି।

## ଫଟୋରେ ଖବର



ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ନୂଆପଡ଼ା ସହରର ମୁଖ୍ୟ ରାସ୍ତା ଜନଶୂନ୍ୟ ହୋଇପଡ଼ିଛି।



ଖଡ଼ିଆଳ-ବୋଡ଼େନ ରାସ୍ତାର ପଲସଦା ଗ୍ରାମ ନିକଟରେ ଥିବା ଏକ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି।



ନୂଆପଡ଼ା ଜଳଛାୟା ବିଭାଗ ପକ୍ଷରୁ ଏମ୍‌ଜିଏନଆରଇଜିଏସ୍ ଉପରେ କର୍ମଶାଳା ଚାଲିଛି।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ



### କାଳବୈଶାଖୀରେ ବିଦ୍ୟୁତ୍ ଖୁଣ୍ଟ, ଘର ଭାଙ୍ଗିଲା

ରିଷିଡ଼ା, ୨୯।୫ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା, ଗଜବାହାଲ, ଡଙ୍ଗରମୁଣ୍ଡା, ତେରେସିଂହାରେ ସୋମବାର ରାତିରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମଳିଥିଲା । ଫଳରେ ଏହି ଅଞ୍ଚଳରେ ବଡ ଗଛଗୁଡିକ ଘର ଓ ବିଦ୍ୟୁତ ଖୁଣ୍ଟ ଉପରେ ପଡିଛି। ତେରେସିଂହାର ବେଲପଡାରେ ଗୋଟିଏ ବଡଗଛ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡିଥିବା ବେଳେ ପବନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡିଯାଇଛି। ସେହିପରି ଗଜବାହାଲ ପଞ୍ଚାୟତର ଡଙ୍ଗରମୁଣ୍ଡାର ମନୋଜ ସାହୁଙ୍କ ଘର ଉପରେ ଗଛ ଭାଙ୍ଗି ପଡିବାରୁ ତାଙ୍କ ଘର ଭାଙ୍ଗିଯାଇଛି । ଏଥି ସହିତ ଅନେକ ଘରର ଛପର ଓ ଆଜବେଷ୍ଟସ୍ ଭାଙ୍ଗିଯାଇଛି । ଏଠାରେ ଗତ ୨ ଦିନ ହେଲା ତାପମାତ୍ରା ୪୫ ଡିଗ୍ରୀ ରହୁଥିବା ବେଳେ କାଳବୈଶାଖୀ ଯୋଗୁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଏହି ଅଞ୍ଚଳରେ ଥିବା ଆମ୍ବ ଗଛରୁ ଆମ୍ବ ଫଳ ଛଡି ଯାଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବାରୁ ତେରେସିଂହାକୁ ବିଦ୍ୟୁତ୍ ସେବା ବ୍ୟାହାତ ହୋଇଥିବା ବେଳେ ରିଷିଡାକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି ।

# ୬୯୦.୪୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେଲାଣି

ଭବାନୀପାଟଣା, ୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ରବି ଧାନ ସଂଗ୍ରହ କମିଟି ବୈଠକରେ ଧାର୍ଯ୍ୟ ତାରିଖର ଦୀର୍ଘ ୧୦ ଦିନ ବିଳମ୍ବରେ ଅର୍ଥାତ ମେ ୨୫ ତାରିଖରୁ ବିଧିବଦ୍ଧ ଭାବେ ମଣ୍ଡିଗୁଡିକ କାର୍ଯ୍ୟ ଆରମ୍ଭ ହୋଇଛି । ମୋଟ ୫୧ଟି ମଣ୍ଡି ଓ ୮୧ଟି ଧାନ କ୍ରୟ ସେଣ୍ଟର ମଧ୍ୟରୁ ମାତ୍ର ୭ଟି ମଣ୍ଡି ଓ ୧୦ଟି କ୍ରୟ ସେଣ୍ଟରରୁ ୮୯ ଜଣ ଚାଷୀଙ୍କଠାରୁ ଗତ ୨୭ ତାରିଖ ସୁଦ୍ଧା ୬୯୦.୪୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଚଳିତବର୍ଷ କଳାହାଣ୍ଡି ଜିଲାରେ ୫୧ଟି ପ୍ରାଥମିକ କୃଷି ସେବା ସମବାୟ, ୮୧ଟି ଧାନ କ୍ରୟ କେନ୍ଦ୍ର ଦ୍ୱାରା ଧାନ ସଂଗ୍ରହ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଗତ ୨୭ ତାରିଖ ସୁଦ୍ଧା ୨୩୯୯.୬୦ ମେଟ୍ରିକ୍ ଟନ୍ ଧାନ ବିକ୍ରିୟ ପାଇଁ ଚାଷୀମାନଙ୍କୁ ଟୋକନ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୬୯୦.୪୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଏହି ଧାନର ମୂଲ୍ୟ ୧୨୦.୮୨ ଲକ୍ଷ ଟଙ୍କା ହେବ ବୋଲି ଜିଲା ଯୋଗାଣ ଅଧିକାରୀ ଶିବରାମ ଦୋରାଙ୍କ ସୂତ୍ରରୁ ପ୍ରକାଶ। ଧାନ କ୍ରୟ ସମୟ ନିର୍ଦ୍ଧାରିତ ତାରିଖଠାରୁ ୧୦ ଦିନ ବିଳମ୍ବ ହେବା ଯୋଗୁ ଗତବର୍ଷ ପରି ଚଳିତବର୍ଷ ମଧ ବିଭିନ୍ନ ମଣ୍ଡିରେ ଦଲାଲ ରାଜ୍ ସକ୍ରିୟ ହେବାରେ ଲାଗିଛି। ପ୍ରଶାସନର ବାରମ୍ବାର ଦାଗିଦ ସତ୍ତ୍ୱେ ଏବଂ ସ୍କ୍ୱାଡ ଦ୍ୱାରା ଚଢ଼ାଉ ଜାରି ରହିଥିଲେ ହେଁ ମଣ୍ଡିଗୁଡିକରେ ଦଲାଲଙ୍କର ରାଜୁତି ଚାଲିଛି । ଅପରପକ୍ଷେ ଧାନର ଏଫଏକ୍ୟୁ ମାନକୁ ନେଇ ମିଲର୍ସମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ କୁଇଣ୍ଟାଲ ପିଛା ୪ ରୁ ୫ କେଜି ଯାଏଁ କଟନି ଚାଲିଥିବା ଅଭିଯୋଗ ହେଉଛି। ଯଦିଓ ଚଳିତବର୍ଷ ପ୍ରତ୍ୟେକ ମଣ୍ଡିରେ ଅନାଲାଇଜର ମେଶିନ ରଖାଯାଇଛି ଏବଂ ଚାଷୀଙ୍କ ଧାନ ମାନ ପରୀକ୍ଷା କରାଯାଉଛି ତାହା ସତ୍ତ୍ୱେ ମିଲରମାନେ ନିଜ ମନମୁତାବକ କୁଇଣ୍ଟାଲ ପିଛା ୪ ରୁ ୫ କେଜି ଧାନ କଟନି କରୁଥିବା ଦେଖିବାକୁ ମିଳୁଛି । ଏପରି କି ଅନାଲାଜିର ମେଶିନରେ ଧାନର ମାନ ଠିକ୍ ଥିବା ଜଣାପଡିବା ସତ୍ତ୍ୱେ ଧାନ କଟନି ଚାଲିଛି । ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଅଗ୍ରୀମ ଟୋକନ ପାଇ ଚାଷୀ ଧାନ ଧରି ମଣ୍ଡିକୁ ଆସିଲେ ମଧ ମିଲର୍ସଙ୍କ ଦେଖା ନ ମିଳିବାରୁ ୨ ରୁ ୩ ଦିନ ଧରି ଚାଷୀ ପ୍ରଚଣ୍ଡ ରୌଦ୍ରତାପ ଓ ଗରମରେ ମଣ୍ଡିରେ ପଡିରହିଥିବା ଦେଖିବାକୁ ମିଳୁଛି। ଚାଷୀଙ୍କୁ ଖଳାରୁ ମଣ୍ଡି ପର୍ଯ୍ୟନ୍ତ ଧାନ ପରିବହନ ଖର୍ଚ୍ଚ ୨ ରୁ ୩ ଗୁଣ ବୃଦ୍ଧି ପାଉଥିବା ବେଳେ ମଣ୍ଡିରେ ମିଲର୍ସଙ୍କ ମର୍ଜିରେ ଧାନ କଟନି କରି ବିକ୍ରି କରିବାକୁ ଚାଷୀ ବାଧ୍ୟ ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବରାମ ଦୋରାଙ୍କୁ ପଚାରିବାରୁ ସେ ପ୍ରକାଶ କରିଥିଲେ ଯେ ଚଳିତ ବର୍ଷ ଧାନ ସଂଗ୍ରହ ନିର୍ଦ୍ଧାରିତ ତାରିଖଠାରୁ ୧୦ ଦିନ ବିଳମ୍ବ ହୋଇଛି। ଯେଉଁ ପରିମାଣରେ ଧାନ ମଣ୍ଡିକୁ ଆସିବା କଥା ତାହା ଆସିପାରିନାହିଁ । ଅନ୍ୟପଟେ ଚାଷୀମାନେ ନିଜର ଧାନକୁ ଶୁଖାଇ ଏବଂ ଓଡାଇବା ସହିତ ଏଫଏକ୍ୟୁ ମାନର ଧାନ ପ୍ରସ୍ତୁତ କରି ମଣ୍ଡିକୁ ଆଣିବା ପାଇଁ ପ୍ରଶାସନ ତରଫରୁ ବାରମ୍ବାର ଚାଷୀମାନଙ୍କୁ ଅନୁରୋଧ କରାଯାଇଛି । କିନ୍ତୁ ଚାଷୀମାନେ ତରତର ହୋଇ ସିଧା ଖଳାରୁ ଧାନ ମଣ୍ଡିକୁ ଆଣୁଛନ୍ତି । ଫଳରେ ଧାନରେ ଅଧିକ ପରିମାଣରେ ଆର୍ଦ୍ରତା, ଅଗାଡି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ରହୁଛି। ଚାଷୀମାନେ ନିଜର ଧାନକୁ ଏଫଏକ୍ୟୁ ମାନର ପ୍ରସ୍ତୁତ କରି ମଣ୍ଡିକୁ ଆଣି ସରକାରଙ୍କ ଏଫଏକ୍ୟୁ ମାନର ଧାର୍ଯ୍ୟ ମୂଲ୍ୟ ପାଇପାରିବେ। ଅନ୍ୟପଟେ ପୂର୍ବ ବର୍ଷ ଅପେକ୍ଷା କାଁଭାଁ କେଉଁ ମଣ୍ଡିରେ ୫ ରୁ ୭ କେଜି ଧାନ କୁଇଣ୍ଟାଲ ପିଛା କଟନି ହେଉଛି ବୋଲି ଆମକୁ ଅଭିଯୋଗ ଆସୁଛି । କିନ୍ତୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନିଆଯାଉଛି। ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦଙ୍କ କଡା ନିର୍ଦ୍ଦେଶରେ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ କଳାହାଣ୍ଡି ଜିଲାରେ ଧାନ ମଣ୍ଡିରେ ଦଲାଲ ଓ ତୃତୀୟ ପକ୍ଷ ପ୍ରାଦୁର୍ଭାବ କମ ରହିଛି। ଚାଷୀମାନେ କିପରି ଧାନର ଉଚିତ୍ ମୂଲ୍ୟ ପାଇବେ ସେଥିପାଇଁ ଜିଲା ପ୍ରଶାସନ ତରଫରୁ ବିଭିନ୍ନ ସ୍ତରରେ ସ୍କ୍ୱାଡ ଗଠନ କରିବା ସହିତ ନିଜେ ଜିଲାପାଳ ହର୍ଷଦ, ଭବାନୀପାଟଣା ଓ ଧର୍ମଗଡ ଉପଜିଲାପାଳ ଏବଂ ଜିଲା ଯୋଗାଣ ବିଭାଗ ଅଧିକାରୀ ଦୋରା ବିଭିନ୍ନ ମଣ୍ଡିକୁ ଯାଇ ତଦାରଖ କରୁଥିବା ଦେଖିବାକୁ ମିଳୁଛି ।



ଭବାନୀପାଟଣା ମଣ୍ଡିରେ ଧାନର ଏଫଏକ୍ୟୁ ମାନର ଯାଞ୍ଚ କରାଯାଉଛି।

**୧୦ ଦିନ ବିଳମ୍ବରେ ମଣ୍ଡି ଖୋଲିଲା**

- ୮୯ ଚାଷୀଙ୍କଠାରୁ କିଣା ହୋଇଛି ଧାନ
- କୁଇଣ୍ଟାଲ ପିଛା ୪ ରୁ ୫ କେଜି ଯାଏଁ କଟନି ଅଭିଯୋଗ
- ୭ ମଣ୍ଡି, ୧୦ କ୍ରୟ ସେଣ୍ଟରରୁ ଧାନ କିଣା ଆରମ୍ଭ

## ପୋଷ୍ଟାଲ ଭୋଟରେ ଭାଜପା ଆଗୁଆ

ଭବାନୀପାଟଣା, ୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଲୋକ ସଭା ନିର୍ବାଚନରେ ପୋଷ୍ଟାଲରେ ୫୩୮୬ରୁ ୩୩୬୪ ଖଣ୍ଡ ଭୋଟ ଭାଜପାକୁ ମିଳିଛି। ଭାଜପା ୩୫.୨୬% ଭୋଟ ପାଇଥିବା ବେଳେ ବିଜେଡି ୩୩.୦୮% ଓ କଂଗ୍ରେସ ୨୫.୯୯% ଭୋଟ ପାଇଛି । ଅନ୍ୟପକ୍ଷରେ ଲୋକ ସଭାରେ କେବଳ ନୋଟାରେ ୨୧୯୯ ଖଣ୍ଡ ଭୋଟ ପଡିଛି । ଧର୍ମଗଡ ନିର୍ବାଚନମଣ୍ଡଳୀରେ ବିଜେଡି ୬୭୮୮୪, ଭାଜପା ୭୦୯୯୪ ଓ କଂଗ୍ରେସ ୪୫୩୭୧ ଖଣ୍ଡ ଭୋଟ ପାଇଛି । ନୂଆପଡା ଜିଲା ଖରିଆର ନିର୍ବାଚନମଣ୍ଡଳୀରେ ବିଜେଡି ୪୩୩୩୪, ଭାଜପା ୭୫୮୦୪ ଓ କଂଗ୍ରେସ ୪୨୩୯୬ ଖଣ୍ଡ ଭୋଟ ପାଇଛି । ନୂଆପଡା ନିର୍ବାଚନମଣ୍ଡଳୀରେ ବିଜେଡି ୫୮୧୦୫, ଭାଜପା ୮୪୨୭୫ ଓ କଂଗ୍ରେସ ୪୩୭୪୬ ଖଣ୍ଡ ଭୋଟ ପାଇଛି । ବିଜେଡି କେବଳ ଲାଞ୍ଜିଗଡ ଓ ଜୁନାଗଡରେ ଆଗୁଆ ଥିବା ବେଳେ ଅନ୍ୟ ୫ଟି ନିର୍ବାଚନମଣ୍ଡଳୀରେ ଭାଜପା ଅଧିକ ଭୋଟ ପାଇଛି । ବିଜେଡି ଲେକ ସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ନିଜ ନିର୍ବାଚନମଣ୍ଡଳୀ ଧର୍ମଗଡ ହୋଇଥିବା ବେଳେ ସେଠାରେ ଭାଜପା ପ୍ରାର୍ଥୀ ତାଙ୍କଠାରୁ ୩୧୧୦ ଖଣ୍ଡ ଭୋଟ ପାଇଛି । ଜୁନାଗଡ ନିର୍ବାଚନମଣ୍ଡଳୀରେ ବିଜେଡିକୁ ମାତ୍ର ୯୭ଟି ଅଧିକ ଭୋଟ ମିଳିଛି । କେବଳ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀରେ ବିଜେଡି ୨୭୫୮୨ ଖଣ୍ଡ ଭୋଟ ପାଇଛି । ମୋଦି ଲହାର ଯୋଗୁ ଲୋକଙ୍କ ପାଖରେ ନ ପହଞ୍ଚି ମଧ୍ୟ ବସନ୍ତ ଜିତିବା ନେଇ ସାଧାରଣରେ ଆଲୋଡନ ସୃଷ୍ଟି କରିଛି ।

## ମିନଗୁର ଧାନମଣ୍ଡି ଉଦ୍‌ଘାଟିତ

ମଣ୍ଡଳ, ୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ମଣ୍ଡଳ କୃଷି ସେବା ସମବାୟ ସମିତି ସମ୍ପାଦକ ନବୀନ କୁମାର ନାଗଙ୍କ ଦ୍ୱାରା ବୁଧବାର ମିନଗୁର ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ମଣ୍ଡିରେ ୧୧ଜଣ ଚାଷୀଙ୍କୁ ୧୦୩୨ କୁଇଣ୍ଟାଲ ଧାନର ଟୋକନ ପ୍ରଦାନ କରାଯାଇଥିଲା । ତହିଁ ମଧ୍ୟରୁ ୩ଟି ମିଲ ବିକେ ଫୁଡ, ନିଗାନିଆଁ ଏବଂ ବିଜୟଲକ୍ଷ୍ମୀ ଚାଷୀ ଚାଷୀଙ୍କଠାରୁ ପ୍ରାୟ ୫୫୦ରୁ ୬୦୦ କୁଇଣ୍ଟାଲ ଧାନ କ୍ରୟ କରିଥିବା ଜଣାପଡିଛି । ଉଦଘାଟନୀ ଅବସରରେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଗଙ୍ଗାରାମ ରାଉତ ଏବଂ ସୁଶାନ୍ତ ବିହାରୀ ଏବଂ ମଣ୍ଡଳ ପ୍ୟାକ୍ସର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ମିନଗୁର ମଣ୍ଡିରେ ୧୧ଟି ମିଲର ଏଜେଣ୍ଟ ଏବଂ ଅଞ୍ଚଳର ଚାଷୀମାନେ ଉପସ୍ଥତ ଥିବାବେଳେ ପ୍ରଥମ ଦିନରେ ସୁରୁଖୁରୁରେ ମିନଗୁରୁ ମଣ୍ଡି ଶୁଭାରମ୍ଭ ହୋଇଯାଇଛି ।



ମିନଗୁରୁ ମଣ୍ଡି ଉଦ୍‌ଘାଟନ କରାଯାଉଛି।

## ୨୩ ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ

କର୍ଲାମୁଣ୍ଡା, ୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର କର୍ଲାମୁଣ୍ଡା ସମବାୟ ସମିତି ପକ୍ଷରୁ ବୁଧବାର ମଣ୍ଡି ଉଦ୍‌ଘାଟନ କରାଯାଇ ଧାନ କ୍ରୟ କରିବା ଆରମ୍ଭ ହୋଇଯାଇଛି। ଏହି ଅବସରରେ ସମବାୟ ସମିତି ସଭାପତି ଗୋବର୍ଦ୍ଧନ ଭୋଇ, ସମ୍ପାଦକ ଭବାନୀଶଙ୍କର ସାହୁ, ଦେବରାଜ ରଣା ପ୍ରମୁଖ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୨୧ ଜଣ ଚାଷୀଙ୍କ ୧ ହଜାର ୩୦ କୁଇଇଣ୍ଟାଲ ଧାନ କିଣିବାକୁ ଚାଷୀଙ୍କୁ ଟୋକନ ଦିଆଯାଇଥିଲା। ସମବାୟ ସମିତି ଜରିଆରେ ୨୩ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଥିବା ସମ୍ପାଦକ ଭବାନୀଶଙ୍କର ସାହୁ କହିଛନ୍ତି।



ଧାନ ମଣ୍ଡିକୁ ସମବାୟ ସମିତି ସଭାପତି ଗୋବର୍ଦ୍ଧନ ଭୋଇ ଉଦ୍‌ଘାଟନ କରୁଛନ୍ତି।

**କର୍ଲାମୁଣ୍ଡା ସମବାୟ ସମିତି**

## ବିଦ୍ୟୁତ୍ ଉପଭୋକ୍ତା ତାତିରେ ହନ୍ତସନ୍ତ

ଅତାବିରା, ୨୯।୫ (ଡି.ଏନ.ଏ)

ଅତାବିରା ବ୍ଲକ ଲରମ୍ବା ବିଦ୍ୟୁତ ସେକ୍ସନ ଅଧୀନ ଅଏଁଲାପାଲି ଗ୍ରାମର ଉପଭୋକ୍ତାମାନେ ବିଦ୍ୟୁତର ଲୁଚକାଳି ଖେଳ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମରେ ଟ୍ରାନ୍ସଫର୍ମର ବସିବା ଦିନଠାରୁ ବିଦ୍ୟୁତ ସମସ୍ୟା ଲାଗି ରହିଛି । ସାମାନ୍ୟ ପବନ ବହିଲେ ଫ୍ୟୁଜ ଉଡି ଯାଇଥାଏ । ସ୍ଥାନୀୟ ବିଦ୍ୟୁତ କର୍ମଚାରୀଙ୍କଠାରେ ଅଭିଯୋଗ କରାଯାଉଥିଲେ ମଧ ସମସ୍ୟା ସମାଧାନ ନ ହେବାରୁ ବୁଧବାର ଅଏଁଲାପାଲି ଗ୍ରାମର ୧୫ଜଣ ଯୁବକ ଲରମ୍ବା ସେକ୍ସନକୁ ଯାଇଥିଲେ । ସେକ୍ସନରେ ତାଲା ଝୁଲୁଥିବାରୁ ସେମାନେ ଅଭିଯୋଗ କରି ନ ପାରି ପୁଣି ତାତିରେ ଘରକୁ ଫେରିଥିଲେ । ଫ୍ୟୁଜ କଟିଲେ ପରିବାର ପିଛା ୩୦ରୁ ୫୦ ଟଙ୍କା ଅସୁଲ କରି ବିଦ୍ୟୁତ କର୍ମଚାରୀଙ୍କୁ ହାତଗୁଞ୍ଜା ଦେବା ପରେ ଫ୍ୟୁଜ ବନ୍ଧା ଯାଇଥାଏ ବୋଲି ଯୁବକମାନେ ଅଭିଯୋଗ କରିଥିଲେ। ସପ୍ତାହକୁ ୨ରୁ ୩ଥର ଫ୍ୟୁଜ ଯାଇଥାଏ । ଏପରି ପରିବାର ପିଛା ଅସୁଲି କରି କର୍ମଚାରୀଙ୍କୁ ଦେଇଥାଉଁ ବୋଲି ରାଜେନ୍ଦ୍ର ମହାକୁର, ରାଜେଶ ଭୋଇ, ବିକାଶ ବାଗ, ପ୍ରଶାନ୍ତ ଭୋଇ, ସୁଶାନ୍ତ ଭୋଇ କହିଥିଲେ ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ନୂତନ ଶାଖା ଉଦ୍‌ଘାଟିତ

କର୍ଲାମୁଣ୍ଡା, ୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ବ୍ଲକ କଲୋନୀ ପରିସରଠାରେ ବୁଧବାର ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧକ୍ଷ ଶିବରାମ ନାଏକ, ସମ୍ମାନିତ ଅତିଥି ଭାବେ କିଟ୍ସ ଆଣ୍ଡ କିସ୍‌ର ଜିଲା ସଂଯୋଜକ ଦୁଷ୍ମନ୍ତ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ସାମଲ, ସୁଓମ କୁମାର ନାଏକ, ଭୂବନ ବିହାରୀ ସିଂ, ସ୍ଥାନୀୟ ସ୍କୁଲ ପ୍ରିନ୍ସିପାଲ ଦିଲୀପ କୁମାର ସୁନା ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସ୍ଥିତିରେ ଉତ୍ତମ ଶିକ୍ଷା ଓ ଅଭିଭାବକ ଅଭିଭାବିକାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ଛାତ୍ର ଦୌପଦ କୁମାର ସାହୁଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମହେଶ୍ୱର ଗହୀର ସଂଯୋଜନା କରିଥିବା ବେଳେ ସୁଶାନ୍ତ ନାଏକ, ଶ୍ରୀକାନ୍ତ ମଲ୍ଲିକ ଓ ସମ୍ପାଦକ ଅବେଲ ସାହୁ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଧାନ ବୋଝେଇ ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

- ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା

ଜୁନାଗଡ, ୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରାସ୍ଥିତ ମଣ୍ଡି ନିକଟରେ ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ଏକ ଧାନ ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ୍ ଆରୋହୀ ଜଣକ ହେଲେ ନିକଟସ୍ଥ ପିଳିକିଆ ଗ୍ରାମର ଅରୁଣ କୁମାର ସରାଫ (୪୪)। ଘଟଣା ସମ୍ପର୍କରେ ଅରୁଣଙ୍କ ପୁତୁରା ବିରଞ୍ଚି ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ବଣ୍ଡାକୁଟ୍ରା ଗ୍ରାମର ଟ୍ରାକ୍ଟର ଚାଳକ ଆଲୋକ ମେହେରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନ ୫ଟାରେ ମୃତକଙ୍କ ସମ୍ପର୍କୀୟ ଓ ଉତ୍ତ୍ୟକ୍ତ ଗ୍ରାମବାସୀ ମିଶି ବଣ୍ଡାକୁଟ୍ରା ଛକଠାରେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠିଙ୍କ ସହ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଉତ୍ତ୍ୟକ୍ତ ଲୋକେ ନିଜ ଜିଦରେ ଅଟଳ ରହିଥିଲେ। ପରେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ମାଲିକଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପ୍ରତିଶ୍ରୁତି ଦେବା ପରେ ରାତି ସାଢେ ୭ଟାରେ ରାସ୍ତା ଅବରୋଧ ହଟିଥିଲା। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡକ୍ରସରୁ ୧୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଅରୁଣ ପୂର୍ବାହ୍ନ ସାଢେ ୧୧ଟାରେ ଜୁନାଗଡପଟୁ ଏକ ସିଟି ୧୦୦ ବାଇକ୍ (ନଂ. ଓଆର୦୮ଡି–୮୪୭୩) ଯୋଗେ ଘରକୁ ଫେରୁଥିଲେ । ବଣ୍ଡାକୁଟ୍ରା ମଣ୍ଡି ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରାକ୍ଟର (ନଂ. ଓଆର୦୮ଡି–୭୭୦୨) ତାଙ୍କୁ ଧକ୍କା ଦେଇଥିଲା। ଅରୁଣ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅରୁଣଙ୍କୁ ମୃତ ଘୋଷଣା କରିଥିଲେ। ୨ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଜୁନାଗଡ–ଧର୍ମଗଡ ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଅରୁଣଙ୍କ ସ୍ତ୍ରୀ ପ୍ରଭାତୀ ଓ ୨ ଛୋଟ ଝିଅ ଜୁହି ଓ ଜୁଲି ଦୁଃଖରେ ଭାଙ୍ଗିପଡିଛନ୍ତି।




ବଣ୍ଡାକୁଟ୍ରା ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରାଯାଉଛି।

ମହିଳା ସ୍ୱୟଂସହାୟିକା ଗୋଷ୍ଠୀ

# ମଦ କୋଠି ଉଚ୍ଛେଦ ପାଇଁ ଦାବିପତ୍ର

ଭବାନୀପାଟଣା, ୨୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ପରଲସିଙ୍ଗା ଗ୍ରାମରେ ବେଆଇନ ଭାବେ ମଦ କୋଠିଗୁଡିକ ଚାଲୁଛି। ଏହାକୁ ଉଚ୍ଛେଦ କରିବାକୁ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୫୦ ମହିଳା ଦାବି କରିଛନ୍ତି । ଗତ ୨୭ ତାରିଖରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଭବାନୀପାଟଣା ଆସି ଅବକାରୀ ଅଧୀକ୍ଷକଙ୍କୁ ସାକ୍ଷତ କରି ଗ୍ରାମରେ ବେଆଇନ ଭାବେ ଚାଲୁଥିବା ମଦ କୋଠିଗୁଡିକୁ ଉଚ୍ଛେଦ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଗ୍ରାମରେ ସ୍କୁଲ ସାମ୍ନାରେ, ମୁଖ୍ୟ ଛକରେ ଓ ବିଭିନ୍ନ ସ୍ଥାନରେ ସମୁଦାୟ ୬ଟି ମଦ କୋଠି ବେଆଇନ ଭାବେ ଚାଲୁଛି। ଏଥି ଯୋଗୁ ଗାଁର ପରିବେଶ ଦୂଷିତ ହେବା ସହ ମଦ୍ୟପମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ମଦ ପିଇ ଅସାମାଜିକ ଲୋକମାନେ ବିଶୃଙ୍ଖଳା ସୃଷ୍ଟି କରିବା ସହ ମହିଳାମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଫଳରେ ଗାଁରେ ଝିଅ ଭଉଣୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହା ବ୍ୟତିତ ମଦ ପିଇବା ଯୋଗୁ ପ୍ରତି ପରିବାରରେ ତାହାର କୁପ୍ରଭାବ ଦେଖିବାକୁ ମିଳୁଛି। ଗତ ୧୭ ତାରିଖରେ ଗାଁର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପରୁ ଏକ ସଭା କରାଯାଇ ପରଲସିଙ୍ଗା ଗ୍ରାମକୁ ମଦ ମୁକ୍ତ ଗ୍ରାମ କରିବାକୁ ନିଷ୍ପତ୍ତି ନିଆଗଲା ଏବଂ ଏ ସମ୍ପର୍କରେ ଗ୍ରାମରେ ଚାଲୁ ଥିବା ମଦ କୋଠି ମାନଙ୍କୁ ସୂଚନା ଦିଆଯାଇଥିଲା । ମଦ କୋଠିମାନେ ଏଥିପାଇଁ କିଛି ସମୟ ମାଗି ଥିଲେ । ତେବେ ଆଜି ପର୍ଯ୍ୟନ୍ତ ଗାଁରେ ମଦ ବିକ୍ରି ଚାଲୁଥିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଓ ମଦ ବିରୋଧୀ ଗ୍ରାମବାସୀ ବେଆଇନ ମଦ କୋଠିଗୁଡିକୁ ବନ୍ଦ କରିବା ପାଇଁ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅବକାରୀ ବିଭାଗ ପକ୍ଷରୁ ବେଆଇନ୍ ମଦ କୋଠି ଉଚ୍ଛେଦ ପାଇଁ ପଦକ୍ଷେପ ତୁରନ୍ତ ନିଆ ନ ଗଲେ ବାଧ ହୋଇ ମହିଳାମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ପରଲସିଙ୍ଗା ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଅନ୍ତର୍ଲାରେ ସଂକୀର୍ତ୍ତନ୍ୟ ମଣ୍ଡପ ପ୍ରତିଷ୍ଠା

**ଟିକ୍ରାପଡ଼ା,୨୯।୫(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଚ୍ଛାପଡ଼ା ପଞ୍ଚାୟତ ଅଧୀନ ଅନ୍ତର୍ଲା ଗ୍ରାମରେ ରାଧାକୃଷ୍ଣ ସଂକୀର୍ତ୍ତନ୍ୟ ମଣ୍ଡପ ବୁଧବାର ପ୍ରତିଷ୍ଠା ହୋଇଯାଇଛି। ଗୁରୁବାରି ଭାଟି, ପୁରୁଷୋତ୍ତମ ଭାଟି, କୁନ୍ତି ଭାଟି, ବିରଞ୍ଚି ଭାଟି କର୍ତ୍ତା ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଡିଙ୍ଗରପ୍ରସାଦ ପାଢ଼ୀ, ନନ୍ଦକିଶୋର ପାଢ଼ୀ, ଜନ୍ମେଜୟ ଖମାରୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ମଧ୍ୟାହ୍ନରେ ରତ୍ନମୁଦ, ଅପରାହ୍ନରେ ଧ୍ୱଜ ଆରୋହଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସଂକୀର୍ତ୍ତନ୍ୟ ଦଳ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

**କୋଲାବିରା,୨୯।୫ (ଡି.ଏନ.ଏ.):** କୋଲାବିରା ଥାନା ଅନ୍ତର୍ଗତ ସମାସିଂହା କାଲେପଡାରେ ବସବାସ କରୁଥିବା ଶାନ୍ତିଲତା ଧୁରୁଆ(୪୭) ନାମ୍ନୀ ଜଣେ ବିଧବା ମହିଳା ବେକରେ ଓଢ଼ଣୀ ଦେଇ ଗାଧୁଆ ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଥିଲା। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ରାସ୍ତାକଡ଼ ଗଛ ଲୋକଙ୍କ ପାଇଁ ବିପଦ ସାଜିଛି

**କୋଲାବିରା,୨୯।୫(ଡି.ଏନ.ଏ.):** କୋଲାବିରା ବସ୍ତି ଜମିଦାରପଡାସ୍ଥିତ ବୁଢାରଜା ମନ୍ଦିରକୁ ଲାଗି ଏକ ବିରାଟକାୟ ଫାଶି ଗଛ ରହିଛି। କେହି ବ୍ୟକ୍ତି ଏହି ଗଛ ନିକଟରେ ନିଆଁ ଲଗାଇଦେବା ଫଳରେ କୋରଡରେ ନିଆଁ ଲାଗି ଯାଇଛି। ଫଳରେ ବିରାଟକାୟ ଏହି ଗଛଟି ମୂଳରୁ ଦୁର୍ବଳ ହୋଇପଡିଛି। ପବନ ବହିଲେ କିମ୍ବା କୌଣସି ମୂହୁର୍ତ୍ତରେ ଗଛଟି ଟଳି ପଡିବାର ଆଶଙ୍କା ରହିଛି। ସନ୍ଧ୍ୟାରେ ସାମାନ୍ୟ ଝଡବର୍ଷା ହେଲେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡୁଛନ୍ତି। ତୁରନ୍ତ ଗଛଟିକୁ କାଟିବାକୁ ପଡାବାସି ପଞ୍ଚାୟତ ଅଫିସରେ ଜଣାଇଛନ୍ତି।

### ଗୋମାଂସ ଚାଲାଣ ନେଇ ଅସନ୍ତୋଷ

**ରାଉରକେଲା ଅଫିସ,୨୯।୫:** ଗୋମାଂସ ଚାଲାଣ ନେଇ ଜଳଦା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଲାଠିକଟା ବ୍ଲକ ଅଞ୍ଚଳର କେତେକ ବସ୍ତିରେ ନିୟମିତ ଗୋମାଂସ ଚାଲାଣ ଅଭିଯୋଗ ହୋଇଆସୁଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଏହା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ବୁଧବାର ସକାଳ ୬ଟାରୁ ଏକ ନମ୍ବରବିହୀନ ସ୍କୁଟି ଯୋଗେ ଜଣେ ନାବାଳକ ଗୋମାଂସ ନେଇ ରାଉରକେଲା ଦିଗରେ ଆସୁଥିବାବେଳେ ଏହା ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା।

# ୩୯ ବର୍ଷ ପରେ ଟିଟିଲାଗଡ଼କୁ ମନ୍ତ୍ରୀ ପଦ

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୨୯।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ବୁଧବାର କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି । ଏନେଇ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ଜନସାଧାରଣ ଏବଂ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବିଜେଡିରୁ ଟିକେଟ ପାଇ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରୁ ଟୁକୁନି ବଲାଙ୍ଗୀର ଜିଲାରେ ପ୍ରଥମ ମହିଳା ବିଧାୟିକା ଭାବେ ୨୦୧୪ରେ ନିର୍ବାଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ପୂର୍ବାପେକ୍ଷା ଅଧିକ ଭୋଟରେ ନିର୍ବାଚିତ ହୋଇଥିଲେ । ନବୀନଙ୍କ ମନ୍ତ୍ରିମଣ୍ଡଳରେ ତାଙ୍କୁ ସାମିଲ କରାଯିବା ପରେ ସେ ବଲାଙ୍ଗୀର ଜିଲାର ପ୍ରଥମ ମହିଳା ମନ୍ତ୍ରୀ ଭାବେ ରେକର୍ଡ ସ୍ଥାପନ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟ କ୍ୟାବିନେଟରେ ସ୍ଥାନ ପାଇବାରେ ଟୁକୁନି ହେଉଛନ୍ତି ବଲାଙ୍ଗୀର ଜିଲାରୁ ଅଷ୍ଟମ। ତାଙ୍କ ପୂର୍ବରୁ ବଲାଙ୍ଗୀର ଜିଲାରୁ ରାଜେନ୍ଦ୍ର ନାରାୟଣ ସିଂଦେଓ, ଡା. ରାମପ୍ରସାଦ ମିଶ୍ର, ଅଇଁଠୁ ସାହୁ, ଅନଙ୍ଗ ଉଦୟ ସିଂଦେଓ, ନରସିଂହ ମିଶ୍ର, କନକ ବର୍ଦ୍ଧନ ସିଂଦେଓ, ଯୋଗେନ୍ଦ୍ର ବେହେରା ରାଜ୍ୟ କ୍ୟାବିନେଟରେ ସ୍ଥାନ ପାଇଥିଲେ। ଅପରପକ୍ଷେ ଦୀର୍ଘ ୩୯ ବର୍ଷ ପରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ମନ୍ତ୍ରୀ ପଦ ଫେରିପାଇଛି।

୧୯୮୦ରେ ଟିଟିଲାଗଡ଼ ବିଧାୟକ ଲଳିତ ମୋହନ ଗାନ୍ଧୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରରେ ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ଥାନ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବଲାଙ୍ଗୀର ଜିଲାର ୫ଟି ବିଧାନସଭା ଆସନ ମଧ୍ୟରୁ ୨ଟିରେ ବିଜେଡି ବିଜୟୀ ହୋଇଛି। ଟୁକୁନିଙ୍କୁ ବରିଷ୍ଠତା, ଦଳ ପ୍ରତି ଆନୁଗତ୍ୟ, ସାଙ୍ଗଠନିକ ଦକ୍ଷତା ପାଇଁ ମନ୍ତ୍ରୀ ପଦ ମିଳିଥିବା ଆଲୋଚନା ହୋଇଛି। ଦିବଂଗତ ସ୍ୱାମୀ ତଥା ରାଜ୍ୟ ଯୁବ ସମ୍ପାଦକ ଅଭିମନ୍ୟୁ ସାହୁଙ୍କୁ ହତ୍ୟା ପରେ ଟୁକୁନିଙ୍କୁ ଦଳ ୨୦୧୪ ନିର୍ବାଚନରେ ଟିଟିଲାଗଡ଼ରୁ ପ୍ରାର୍ଥୀ କରିଥିଲା। ଗୃହିଣୀରୁ ରାଜନେତା ପାଲଟିଥିବା ଟୁକୁନି ସ୍ୱାମୀ ଅଭିମନ୍ୟୁଙ୍କ ସଙ୍ଗଠନ ତଥା ନବୀନଙ୍କ ଲୋକପ୍ରିୟତାକୁ ପାଥେୟ କରି ନିର୍ବାଚନକୁ ଓହ୍ଲାଇଥିବା ବେଳେ ୧୪ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ବୁଧବାର ଟୁକୁନିଙ୍କୁ ମନ୍ତ୍ରୀ ପଦ ମିଳିବା ପରେ ଉତ୍ସାହିତ ଶତାଧିକ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଟିଟିଲାଗଡ଼ସ୍ଥିତ ହନୁମାନ ବ୍ୟାୟାମଶାଳାରେ ଥିବା ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଦଳ ପକ୍ଷରୁ କାଳୀଚରଣ ପାନୁଆ, ବବ୍ଲୁ ରତେଇ, ରତନ ହାତୀ, ତପନ ହେର୍ଣ୍ଡା, ଦିଲୀପ ବେହେରା, ସନ୍ତୋଷ ସାହୁ, ରବି ବାଗ, ଦେବାଶିଷ ସୌରା, ବାପୁନି ପଣ୍ଡ. ପ୍ରତାପ ସିଂ, ଜନସନ ବିହାରୀ, ମୁନା ବେହେରା, ଜିତୁ ପାଢ଼ୀ, ନରେଶ ପାଢ଼ୀ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଟୁକୁନିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ଟିଟିଲାଗଡ଼ରୁ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ବରିଷ୍ଠ ନେତା ପ୍ରେମ ଜୈନ, ଲାଲା ବର୍ମା, ଆଶିଷ ବେହେରା, ରଣଜିତ ପୃଷ୍ଟି, ଶମ୍ଭୁପ୍ରସାଦ ସାହୁ, ଦିଲୀପ ବାଗ, ଦୀପକ ମିଶ୍ର, ଅରୁଣ ମିଶ୍ର, ଗୁଟୁ ବାଗ, ଅରୁଣ ବାଗ, ପଞ୍ଚାୟତ ସମିତି ଅଧକ୍ଷା ରମାକାନ୍ତି ପୁଟେଲ, ସୁନୀଲ ସାହୁ, ରାଜକିଶୋର ଡାଙ୍ଗ, ଅଶୋକ ପାଢ଼ୀ ପ୍ରମୁଖ ବହୁ ନେତା ରାଜଧାନୀ ଯାଇଛନ୍ତି ।

**ଟୁକୁନି ସାହୁଙ୍କୁ ମନ୍ତ୍ରୀ ପଦ ମିଳିବା ପରେ ସବୁଠି ଉତ୍ସାହ**



ଦଳୀୟ ନେତା ଓ କର୍ମୀ ଅଭିମନ୍ୟୁ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

### 'ସ୍ୱାସ୍ଥ୍ୟକ୍ଷେତ୍ରରେ ରାଜ୍ୟରେ ବିପ୍ଳବ ଅଣାଯିବ'

**ଝାରସୁଗୁଡା ଅଫିସ୍/ଲଖନପୁର, ୨୯।୫(ଡି.ଏନ୍.ଏ.)**

ବିଧାୟକ ନବ କିଶୋର ଦାସ ରାଜନୀତିରେ ଜଣେ ଚର୍ଚ୍ଚିତ ଚେହେରା। କଂଗ୍ରେସ ଛାଡି ସେ ଏଥର ବିଜେଡି ଟିକେଟ୍‌ରେ ନିର୍ବାଚନ ଲଢିଥିଲେ । ୪୫ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ମଧ ହୋଇଥିଲେ। ବିଜେଡିରେ ଯୋଗଦେଇ ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନିଶ୍ଚିତ ସ୍ଥାନ ପାଇବେ ବୋଲି ଚର୍ଚ୍ଚା ହେଉଥିଲା । ଏହି ଚର୍ଚ୍ଚା ସତ୍ୟ ହୋଇଛି । ବୁଧବାର ସେ ନବୀନଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନପାଇ କ୍ୟାବିନେଟ୍ ପାହ୍ୟା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଭାବେ ଶପଥପାଠ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ଜଣାପଡିବାପରେ ଝାରସୁଗୁଡା ଜିଲାର ବାର୍ ଆସୋସିଏଶନ୍, ଚ୍ୟାମ୍ବର୍ସ ଅଫ୍ କମର୍ସ, ଆଇଏମ୍ଏ ଆଦି ବିଭିନ୍ନ ସଂଗଠନ ତରଫରୁ ନବଙ୍କୁ ସମ୍ବର୍ଦ୍ଧନା ଜଣା ଯାଇଛି। ଏଥିପାଇଁ ଜିଲାରେ ଖୁସିର ଲହରୀ ଖେଳି ଯାଇଛି । ଜିଲାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନୂତନ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ଦାସ ତାଙ୍କ ପ୍ରତିକ୍ରିୟାରେ ଧରିତ୍ରୀକୁ କହିଛନ୍ତି ଯେ, ନବୀନଙ୍କ ସ୍ୱପ୍ନକୁ ଆମେ ସମସ୍ତେ ସାକର କରିବୁ। ସ୍ୱାସ୍ଥ୍ୟକ୍ଷେତ୍ରରେ ରାଜ୍ୟରେ ନୂତନ ବିପ୍ଳବ ଆଣିବୁ।

ଉତ୍କଳ ସାହିତ୍ୟ ସମାଜର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

# କବିମୟ ଜୀବନ ଅନୁପ୍ରେରଣା ହିଁ ଗୁରୁତ୍ୱପୂର୍ଣ୍ଣ

**ବଲାଙ୍ଗୀର ଅଫିସ,୨୯।୫**

ଉତ୍କଳ ସାହିତ୍ୟ ସାମାଜ ପକ୍ଷରୁ ବୁଧବାର ବଲାଙ୍ଗୀର ସାମ୍ବାଦିକ ଭବନଠାରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସାହିତ୍ୟ ସମାଜ ସଭାପତି ଡକ୍ଟର ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ସାରସ୍ୱତ ସାଧକ ପଦ୍ମଶ୍ରୀ ଡ.ଶ୍ରୀନିବାସ ଉଦ୍‌ଗାତାଙ୍କୁ ସମାଜର ବରେଣ୍ୟ ସଦସ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମାଜ ପକ୍ଷରୁ ଡ. ଉଦ୍‌ଗାତାଙ୍କୁ ଟ୍ରଫି, ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଡକ୍ଟର ସୁନାମଣି ରାଉତ୍ ସ୍ୱାଗତ ଭାଷଣ ଦେଇଥିଲେ। ଏପରି କି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବଲାଙ୍ଗୀରରେ ଅଧ୍ୟାପନା ସମୟର ସ୍ମୃତି ବାଣ୍ଟିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ମଧୁସୂଦନ ପତି ବକ୍ତବ୍ୟରେ ଭାରତୀୟ ସାହିତ୍ୟ ଜଗତରେ ସ୍ରଷ୍ଟାର ଭୂମିକା ଓ ସମ୍ମାନକୁ ନେଇ ତାତ୍ତ୍ୱିକ ଆଲୋଚନା କରିଥିଲେ। ଡ. ଉଦ୍‌ଗାତାଙ୍କ କବିମୟ ଜୀବନ କିଭଳି ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଛି ସେ କହିଥିଲେ। ଜୀବନ ତମାମ ସାହିତ୍ୟିକ ଭାବେ ମନନିବେଶ କରି ଏକ କବିମୟ ଜୀବନର ମହତ୍ତ୍ୱକୁ ନେଇ ଡ. ପତି ଆଲୋଚନା କରିଥିଲେ। ଡ. ଉଦ୍‌ଗାତା ବଲାଙ୍ଗୀରରେ ସାରସ୍ୱତ ପରିବେଶ ସୃଷ୍ଟି ଓ ଅନ୍ୟକୁ ଅନୁପ୍ରେରଣା ଯୋଗାଇବାରେ ଏକ ବଳିଷ୍ଠ ଭୂମିକା ନିର୍ବାହ କରିଛନ୍ତି ବୋଲି କହିଥିଲେ। ତାଙ୍କୁ ଉତ୍କଳ ସାହିତ୍ୟ ସମାଜ ବରେଣ୍ୟ ସଦସ୍ୟ ସମ୍ମାନ ପ୍ରଦାନ କରିବା ଯଥାର୍ଥ ହୋଇଛି ବୋଲି କହିଥିଲେ। ଭାଷଣରେ ଡକ୍ଟର ସିଂ ଉତ୍କଳ ସାହିତ୍ୟ ସମାଜ ଆଉ ଉପକୂଳ ଓଡ଼ିଶାରେ ସୀମିତ ନରହି ସମଗ୍ର ଓଡ଼ିଶାକୁ କିଭଳି ବ୍ୟାପ୍ତ ହେବ ସେହି କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି କହିଥିଲେ। ଅନୁଷ୍ଠାନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୪ଜଣ କଥାକାର ମନୋଜ ଦାସ, କବି ଜଗନ୍ନାଥ ପ୍ରସାଦ ଦାସ, ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଓ ଗାଳ୍ପିକା ବୀଣାପାଣି ମହାନ୍ତିଙ୍କୁ ବରେଣ୍ୟ ସଦସ୍ୟ ଭାବେ ଗ୍ରହଣ କରି ସେମାନଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ମାଧ୍ୟମରେ ସମ୍ମାନ ପ୍ରଦାନ କରିଛି ବୋଲି କହିଥିଲେ। ଏହି ଅବସରରେ କବି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତାଙ୍କ ସାହିତ୍ୟ ସୃଷ୍ଟି ଓ କବିପ୍ରାଣକୁ ନେଇ ଆଲୋଚନା କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡ ଉଦ୍‌ଗାତା ତାଙ୍କ କବିମୟ ଜୀବନ କିଭଳି ଅନ୍ୟକୁ ଭଲ ପାଇବାରେ ଏବଂ ଏକାନ୍ତ ଆଧ୍ୟାତ୍ମରେ ବିତିଛି ସେ କହିଥିଲେ। ଆଳସ୍ୟ ବିରହିତ ଜୀବନ ଏବଂ ଗଭୀର ପଠନ ଓ ମନନ ଦ୍ୱାରା ହିଁ ସାହିତ୍ୟ ଭିତରକୁ କିଞ୍ଚିତ ପ୍ରବେଶ କରିହୁଏ କହି ଏଦିଗରେ ପ୍ରଚେଷ୍ଟା ଜାରି ରଖିବାକୁ କହିଥିଲେ। ସଂଯୋଜକ ଡ. ସନ୍ତୋଷ କୁମାର ରଥ ଧନ୍ୟବାଦ ଦେଇଥିଲେ। ସଭାରେ ଆବାହକ କବି ପ୍ରହଲ୍ଲାଦ ଶତପଥୀ, ବିଜୟ କୁମାର ତ୍ରିପାଠୀ, ଭାଗିରଥି ମିଶ୍ର, ବାଞ୍ଛାନିଧି ରଥ, ଡ.ଗୋପବନ୍ଧୁ ରଥ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟକାର ବ୍ରଜମୋହନ ମିଶ୍ର, ସନାତନ ଠାକୁର, କୋସଲ ସାହିତ୍ୟ ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ, ପ୍ରଦୀପ ମହାପାତ୍ର, କବି ସନ୍ଦୀପ କୁମାର କୁଅଁର ଓ ସହରର ବହୁ ସାହିତ୍ୟପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ବରେଣ୍ୟ ସଦସ୍ୟ ସମ୍ମାନ ପ୍ରଦାନ କରାଯାଉଛି ।

# ଲାଠୋର ସାପ୍ତାହିକ ହାଟରେ ଥଣ୍ଡା ପାନୀୟଜଳ ବଣ୍ଟନ



ଲାଠୋର ସାପ୍ତାହିକ ହାଟରେ ଥଣ୍ଡା ପାନୀୟଜଳ ବଣ୍ଟନ କରାଯାଉଛି।

**ଲାଠୋର,୨୯।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସାପ୍ତାହିକ ହାଟରେ ବୁଧବାର ଗ୍ରାମର ମହାକାଳେଶ୍ୱର ଶବି ମନ୍ଦିର କମିଟି ସଦସ୍ୟମାନେ ଲୋକଙ୍କୁ ଥଣ୍ଡା ଲେମ୍ବୁ ଏବଂ ବେଲ ସରବତ ବଣ୍ଟନ କରିଥିଲେ। ସୂଚନା ମୁତାବକ, ଲାଠୋର ସାପ୍ତାହିକ ହାଟରେ ରବିବାର ଏବଂ ବୁଧବାର ଦୁଇ ଦିନ କୃଷି ଓ ଗୋରୁ ହାଟ ବସିଥାଏ। ହାଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକେ ଆସି ଜିନିଷ କିଣାବିକା କରିଥାନ୍ତି। ହେଲେ ଚଳିତ ଗ୍ରୀଷ୍ମ ଋତୁରେ ପଞ୍ଚାୟତ ପକ୍ଷରୁ ହାଟରେ ଜଳ ଛତ୍ରର ଖୋଲା ଯାଇନାହିଁ। ଫଳରେ ଲୋକେ ପାଣିପାଇ ହଇରାଣ ହରକତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ମହାକାଳେଶ୍ୱର ଶିବ ମନ୍ଦିର କମିଟି ପକ୍ଷରୁ ଲୋକଙ୍କୁ ଥଣ୍ଡା ଲେମ୍ବୁ ଓ ବେଲ ସରବତ ବଣ୍ଟନ କରୁଛନ୍ତି। ଏପରି କି କମିଟି ପକ୍ଷରୁ ଦୂରଦୂରାନ୍ତରୁ ହରିଶଙ୍କର ମନ୍ଦିର ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କୁ ଡାଲମା ଭାତ ବଣ୍ଟନ କରୁଛନ୍ତି। କମିଟି ସଦସ୍ୟ ଜିତେନ ବଗା, ଡମ୍ବରୁ ସେଠ, ରମାକାନ୍ତ ମେହେର, ଗୁରୁ ଥାନାପତି, ବରୁଣ ବାରିକଙ୍କ ସହ ଅନ୍ୟ ସଦସ୍ୟମାନେ ବଣ୍ଟନ କାର୍ଯ୍ୟରେ ସହଯୋଗ କରୁଛନ୍ତି।



ସ୍ଥାନୀୟ ମହିଳା ଓ ବୁଦ୍ଧିଜୀବୀଙ୍କ ସହ ଏସ୍‌ଡିଓ ଆଲୋଚନା କରୁଛନ୍ତି।

ନାରାୟଣ ସାଗର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା

# କାମ ଧିମା ଦେଖି ଏସ୍‌ଡିଓଙ୍କ ଅସନ୍ତୋଷ

**ଲୋଇସିଂହା,୨୯।୫(ଡି.ଏନ.ଏ)**

ଆଗକୁ ବର୍ଷାଋତୁ। ମାଟି ଉନ୍ନତୀକରଣ କାମ ଅବଧି ଶେଷ ହେବାକୁ ଥିବା ବେଳେ ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ନାରାୟଣ ସାଗରର ପଙ୍କ ଉଦ୍ଧାର କାର୍ଯ୍ୟ ଧିମେଇ ଚାଲିଛି। ଅନ୍ୟପକ୍ଷେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଆସିଥିବା ଅନୁଦାନ ରାଶି ବାଟମାରଣା ଉଦ୍ୟମ କରାଯାଉଥିବା ନେଇ ଲୋଇସିଂହାବାସୀ ଅଭିଯୋଗ କରିଥିଲେ। ଏନେଇ ବୁଧବାର ବିଭାଗୀୟ ଏସ୍‌ଡିଓ ଆଶୁତୋଷ ଶତପଥୀ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସେତିକିବେଳେ ସେ ପଙ୍କୋ ଉଦ୍ଧାର କାର୍ଯ୍ୟ ଧିମେଇ ପଡିଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ। କାମ ତ୍ୱରାନ୍ୱିତ ପାଇଁ ଆବଶ୍ୟକ ଯନ୍ତ୍ରାଂଶ ଯୋଗାଡ କରି ବର୍ଷା ପୂର୍ବରୁ ତୁରନ୍ତ କାମ ସାରିବାକୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ।

ଲୋଇସିଂହା ବସ୍ତିର ତଳମୁଣ୍ଡରେ ୧୨୦ ଏକର ପରିସୀମା ବିଶିଷ୍ଟ ନାରାୟଣ ସାଗର ଅବସ୍ଥିତ । ୧୯୮୦ ଦଶକରେ ସ୍ଥାନୀୟ ଜମିଦାର ନାରାୟଣ ସାଗର ଏହାର ଖନନ କରିଥିବା ସ୍ଥାନୀୟ ଅଧିବାସୀ କହିଛନ୍ତି। ବର୍ତ୍ତମାନ ନାରାୟଣ ସାଗର ରକ୍ଷଣାବେକ୍ଷଣ ଅଭାବରୁ ପୋତିହୋଇ ପଡିଥିଲା। ଫଳରେ ସାଗର ଜଳଧାରଣ କ୍ଷମତା ହରାଇ ବସିଥିଲା । ସ୍ଥାନୀୟ ବିଧାୟକଙ୍କ ଉଦ୍ୟମ କ୍ରମେ ବିଭାଗୀୟ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ଏପରି କି ସାଗରର ଉନ୍ନତୀକରଣ ସକାଶେ ଆବଶ୍ୟକ ଅନୁଦାନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନୁଦାନ ମଞ୍ଜୁର ପରେ ବିଭାଗୀୟ ଅଧିକାରୀ ୨୦୧୮ ନଭେମ୍ବରରେ ସାଗରର ଉନ୍ନତୀକରଣ ନେଇ ଟେଣ୍ଡର ଡାକିଥିଲେ। କାମ ପାଇଥିବା ଠିକାଦାର ଗତ ଫେବୃୟାରୀ ମାସରୁ ଉନ୍ନତୀକରଣ କାମ ଆରମ୍ଭ କରିଥିଲେ। କାମର ୪ ମାସର ଅବଧି ସରିବାକୁ ବସିଥିଲେ ସୁଦ୍ଧା ଆବଶ୍ୟକ ଯନ୍ତ୍ରାଂଶ ଅଭାବରୁ କାମ ସନ୍ତୋଷଜନକ ହୋଇପାରିନାହିଁ । ଏନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ କାମ ତ୍ୱରାନ୍ୱିତ ହୋଇ ନ ଥଲା। ବୁଧବାର ବିଭାଗୀୟ ଏସ୍‌ଡିଓ ଶତପଥୀ ସାଗରର କ୍ଷେତ୍ର ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେତିକିବେଳେ ସାଗରର ଉନ୍ନତୀକରଣ ପାଇଁ ୫ କୋଟି ଟଙ୍କାର ପ୍ରସ୍ତାବ ରହିଛି। ପ୍ରଥମ ଦଫାରେ ୧ କୋଟି ୪୮ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାମ ଚାଲିଥିବା ସେ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ।

ଆପ୍‌ନେ ଆର ବଡ଼ପୁଓ ଆରପାରେ

# ଦୁରଦିନ୍‌ରେ ନିସାହା ବିଧବା ଅମ୍ବିକା

**ଲୋଇସିଂହା,୨୯।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଁଚେତ୍ ସଦର ଗାଁର ଅମ୍ବିକା ବାଗ(୭୦)। ଆପ୍‌ନେ ଅନେକ ଦିନୁ ଅରପାରକେ ଚାଲିଯାଇଥିଲାବେଲେ ବଛର କେତେଟା ଉତାରୁ ପୁଓ ବି ଆରପାରକେ ଚାଲିଯାଇଛନ୍। ପରିବାରର ଏନ୍‌ତା ଦୁଖଦ୍ ପରିସ୍ଥିତିରେ ସେ ଭାଂଗି ପଡ଼ିଛନ୍। ଇଆଡ଼େ ମାନସିକ ଦୁଖ୍ ଆର ଦିହିପା ସମସିଆ ସଂଗେ ଯୁଝୁଛନ୍। ଅଭାବ ଅନାଟନ ଲାଗି ଟେକା ଖାଏଦ୍ ଉପରେ ଆଶ୍‌ରେ କରୁଥିଲାବେଲେ ଭଂଗା ଦଦ୍‌ରା ଘରେ ଜୀବନ୍‌କେ ପାଏନ୍ ଛଡ଼େଇ ରହୁଛନ୍। ଅମ୍ବିକା ବିଧବା ଭତା ପାଉଛନ୍ ସତ୍, ହେଲେ ଭତା ଟଁକା ଉଷୋକଷାକେ ନିହଁଟ ହେଉଛେ ବଲି ସେ କହିଛନ୍।

ସୂଚନା ଅନ୍‌ସାରେ ବାଦିବାହାଲ ପଁଚେତ ସଦର ଗାଁର ଅମ୍ବିକାକଁର ପରିବାର କହେଲେ ଆପ୍‌ନେ ଖାରୁ ବାଗ, ଦୁଇ ପୁଓ ବିଜେ ଆର ସୁଦାମକେ ନେଇ ତାକର ସଁସାର। ବଡ଼ପୁଓ ବିଜେ ବିହାତୁରା ହେଇଥିଲେ। ବହୁ ଆର ୮ ବଛର୍‌ର ନାତିକେ ନେଇ ଦୁଖେସୁଖେ ଅମ୍ବିକାକଁର ପରିବାର ଚଲିଯାଉଥିଲା। ହେଲେ ଖାରୁକଁର ମାନସିକ ଥିତି ଠିକ୍ ନାଇଁଥାଇ, ଆଏଜ୍‌କେ ୭ ବଛର ତଲେ ତାକର ଦୁଖଦ୍ ମୁରତୁ ହେଇଥିଲା। ସେନ୍‌ତା ଅଢ଼େ ବଛର ତଲେ ବିହାରି ପୁଓ ବିଜେ ବି କେହେନ୍‌ସି କାରନରୁ ଚରମ ପଦକ୍ଷେପ ନେଇଥିବାର ଗାଁବାସୀକରନୁ ଜନାଯାଇଛେ। ବିଜେର ମୁରତୁ ଉତାରୁ ତାକର ମାଏକିନା ଛୁଆକେ ଧରି ବାପ୍ ଘରକେ ପଲେଇଯାଇଛନ୍। ଇତାର ପରେ ସାନପୁଓର ସଡ଼କ ଦୁରଘଟନାରେ ଭୁଜନି ଗୋଡ଼ ଭାଂଗି ଗଲାରୁ ସେ ଭିନ୍ନକ୍ଷମ ପାଲଟିଗଲେ। ଗୁଟେ ପରେ ଗୁଟେ ଦୁଖଦ୍ ଘଟନାରେ ନିସାହା ଅମ୍ବିକା ଭାଂଗିପଡ଼ିଛନ୍। ସେ ଏହେଦେ ନିଜେ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଅଛନ୍। ଗୋଡ଼, ହାତ୍ କିଛି କାମ୍ ନାଇଁ କରବାର। ଇଆଡ଼େ ସାନ୍‌ପୁଓ ସୁଦାମ ଟିକେ ଠିକ୍ ହେଲାରୁ ଘରର ପରିସ୍ଥିତି ଦେଖି ବାହାର ରାଏଜ୍‌କେ ଦାଦନ୍ ଖଟି ଯାଇଛନ୍। ଏନ୍‌ତାଥି ଅମ୍ବିକା ନିସାହା ହେଇ ଘରେ ଏକଲା ପଡ଼ିରହିଛନ୍, ଢୁଂଗି ଦେଖିବାକେ କେହି ପାସେ କେହି ନାଇଁ। ବଡ଼ାଦୁଖେ ରେଂଗ୍‌ସି ଘେଁସ୍‌ରି ସେ ନିଜର ଫିଦିନିଆଁ କାମ୍ କରୁଛନ୍ ଆର ପାଖି ପଡ଼ିଶାକର ହାତ୍ ଟେକା ଖାଏଦ୍‌କେ ଆଶ୍‌ରେ କରି ଜୀବନ୍ ବିତଉଛନ୍। ଯେନ୍‌ଦିନ ଖାଏବାକେ ମୁଠେ ମିଲ୍‌ଲା ଭଲ, ନାଇଁହେଲେ ଖାଡ଼ା ଉପାସରେ ଦିନ୍ ବିତୁଛେ ବଲି ସେ କାଁଦିକାଁଦି ତାକର ଦୁଖ୍ ବଖାନିଥିଲେ। ଇଆଡ଼େ ସେ ରହୁଥିବାର ଘରର ପାଟେନ ସବୁ ଭାଂଗି ଯାଇଛେ। ଏନ୍‌ତାଥି କେତେବେଲେ କେନ୍‌ପରକାର ଅଘଟନ୍ ଘଟବା କିଛି କହି ନାଇଁ ହେବାର। ଅମ୍ବିକା ଥାନୀୟ ସରପଁଚ୍‌କୁଁ ମାସିକ ୩୫ କେ.ଜି. ଚାଉଲ ଆର ପକାଘର ଖଁଡ଼େ ଯୁଗେଇ ଦେବାକେ ଗୁହାରି କରି ନିରାଶ ହେଇଥିବାର ଗାଁର ସୁନୀଲ ଦାସ, କୁଶ ଭୋଇ, ସୀତାରାମ ସାହୁ, କୁନୁ ବେହେରା, ହିମାଂଶୁ ବେହେରା, ମହାଦେବ ସେଠ, ହରି ଭୋଇ ଭୁଲା ବଗର୍ତ୍ତି ପରମୁଖ କହିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ଉର୍କୁଲୀ ଧରୁଆକୁଁ ପଚରାଲାରୁ କୁଟା ଖାଲି ହେଲେ ୩୫ କେ.ଜି. ଚାଉଲ ଦିଆଯିବା। ପକାଘର ଲାଗି ବ୍ଲକ ପରଶାସନକେ ଜନାମି ବଲି ସେ କହିଥିଲେ।



ନିଜର ଭଂଗା ଦଦ୍‌ରା ଘର ଆଗେ ଅମ୍ବିକା।